ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୪, ସଂଖ୍ୟା: ୧, ଭୁବନେଶ୍ୱର, ନଭେମ୍ବର ୨୩- ନଭେମ୍ବର ୨୯, ୨୦୨୬, Vol: 4, Issue: 1, Bhubaneswar, Nov. 23 - Nov. 29, 2026 Pages- 8

ଅତୀତର ପଦଚିହ୍ନ-ବର୍ତ୍ତମାନର ପ୍ରଶ୍ନ; ବିଦେଶ ଗସ୍ତକୁ ନେଇ ଚର୍ଚ୍ଚା

ମୋହନ ଓ ତାଙ୍କ ମନ୍ତ୍ରିମଣ୍ଡଳର ବିଦେଶ ଗସ୍ତର ମଧ୍ୟ ତଦନ୍ତ ହେଉ : ବିଜେଡି



ଭୁବନେଶ୍ୱର (ଭିଓଭି) : ରାଜନୀତିର ପରିବର୍ତ୍ତିତ ପଟ୍ଟଭୂମିରେ ଅତୀତର ନିଷ୍ପତ୍ତି ଯେତେବେଳେ ବର୍ତ୍ତମାନର ବିତର୍କର ବିଷୟ ପାଲଟେ, ସେତେବେଳେ ଅନେକ ଅନୁତ୍ତରିତ ପ୍ରଶ୍ନ ମଧ୍ୟ ସାମ୍ନାକୁ ଆସେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଦେଶ ଗସ୍ତକୁ ନେଇ ତଦନ୍ତ ପ୍ରସଙ୍ଗ ଏବେ ଓଡ଼ିଶା ରାଜନୀତିରେ ସେହିଭଳି ଏକ ନୂଆ ଚର୍ଚ୍ଚାର ପରିସର ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ବିଜୁ ଜନତା ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ତଦନ୍ତର ପରିସରକୁ କେବଳ ଅତୀତ ମଧ୍ୟରେ ସୀମିତ ନ ରଖି ବର୍ତ୍ତମାନର ଶାସନକାଳକୁ ମଧ୍ୟ ପରିବ୍ୟାପ୍ତ କରିବାକୁ ଦାବି ଜଣାଇଛି। ଦଳର ଯୁକ୍ତି ହେଉଛି, ଯଦି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ ସମ୍ପର୍କରେ ତଦନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି, ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ବିଦେଶ ଗସ୍ତ ମଧ୍ୟ ସମାନ ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ତଦନ୍ତର ମାନଦଣ୍ଡ ଯଦି ସମାନ, ତେବେ ତାହାର ପରିସର ମଧ୍ୟ ସମସ୍ତଙ୍କ ପାଇଁ




ସମାନ ରହିବା ଉଚିତ ବୋଲି ବିଜେଡି ମତ ରଖିଛି। ବିଜେଡି ପକ୍ଷରୁ ଦର୍ଶାଯାଇଛି ଯେ, ନବୀନ ପଟ୍ଟନାୟକଙ୍କ ୧୪ ବର୍ଷର ଶାସନକାଳ ମଧ୍ୟରେ ସେ ମାତ୍ର ଦୁଇଥର ସରକାରୀ କାର୍ଯ୍ୟକ୍ରମରେ ବିଦେଶ ଗସ୍ତ କରିଥିଲେ। ସେହି ଗସ୍ତଗୁଡ଼ିକର ଉଦ୍ଦେଶ୍ୟ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି।

ଇଟାଲୀରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଖାଦ୍ୟ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଜାପାନ ଗସ୍ତ ସମୟରେ ଓଡ଼ିଶାରେ ପୁଞ୍ଜିନିବେଶର ସମ୍ଭାବନାକୁ ଆଗକୁ ନେବା ପାଇଁ ଉଦ୍ୟମ ହୋଇଥିଲା। ଜାପାନ ଗସ୍ତ ପରେ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିମନ୍ତ୍ରଣ ମିଳିଥିବା କଥା ମଧ୍ୟ ଦଳ ଉଲ୍ଲେଖ କରିଛି। ଏହି ପ୍ରସଙ୍ଗରେ ବିଜେଡିର ମତ ହେଉଛି, ଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ କେବଳ ଗୋଟିଏ ସମୟ ବା ଗୋଟିଏ ଶାସନକାଳ ପାଇଁ ନୁହେଁ; ଏହା ସମସ୍ତ ସମୟ ଓ ସମସ୍ତ ଶାସକଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ। ତେଣୁ ନବୀନଙ୍କ ବିଦେଶ ଗସ୍ତର ତଦନ୍ତ ସହିତ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ବିଦେଶ ଗସ୍ତର ମଧ୍ୟ ସମୀକ୍ଷା ହେବା ଆବଶ୍ୟକ ବୋଲି ଦଳ ଦାବି କରିଛି।

ଅନ୍ୟପକ୍ଷରେ, ଏଭଳି ପ୍ରସଙ୍ଗ ଉଠାଇ ସରକାର ଜନସାଧାରଣଙ୍କ ଧ୍ୟାନ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରୁ ହଟାଇବାକୁ ଉଦ୍ୟମ କରୁଛନ୍ତି କି ନାହିଁ, ସେ ନେଇ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଛି।

ସମୟର ସ୍ରୋତରେ ଶାସନ ବଦଳେ, ଶାସକ ବଦଳନ୍ତି, କିନ୍ତୁ ଜନତାଙ୍କ ପ୍ରତି ଉତ୍ତରଦାୟିତ୍ୱର ମୂଲ୍ୟବୋଧ ବଦଳିବା ଉଚିତ ନୁହେଁ। ଅତୀତର ନିଷ୍ପତ୍ତି ଯେତେବେଳେ ବିଚାରର କାଠଗଡ଼ାକୁ ଆସେ, ବର୍ତ୍ତମାନର କାର୍ଯ୍ୟକଳାପ ମଧ୍ୟ ସେହି ମାପଦଣ୍ଡରେ ପରଖାଯିବା ସ୍ୱାଭାବିକ। ଏହି ପୃଷ୍ଠଭୂମିରେ ନବୀନଙ୍କ ବିଦେଶ ଗସ୍ତକୁ ନେଇ ଆରମ୍ଭ ହୋଇଥିବା ତଦନ୍ତ ପ୍ରସଙ୍ଗ ଏବେ ଅତୀତ ଓ ବର୍ତ୍ତମାନର ଶାସନକୁ ଏକା ସାଙ୍ଗରେ ଚର୍ଚ୍ଚାର ପରିସରକୁ ଆଣିଛି।



ମୁଖ୍ୟ ସ୍ତମ୍ଭ

ସମୟ କାହା ପାଇଁ କେମିତି !

ବେଳେବେଳେ ମନକୁ ଏମିତି କିଛି ଅଜବ ଭାବନା ଆସେ, ଯାହା ଆମକୁ ଜୀବନର ଅନେକ ଅକୁହା ସତ୍ୟ ସମ୍ପର୍କରେ ଚିନ୍ତା କରିବାକୁ ବାଧ କରେ। ସେମିତି ଏକ ଭାବନା ହେଉଛି, ସମୟ କାହା ପାଇଁ କେମିତି ! ଘଣ୍ଟାର କଣ୍ଟା ସମସ୍ତଙ୍କ ପାଇଁ ସମାନ ଗତିରେ ଘୂରୁଛି, ଦିନ ଓ ରାତି ସମସ୍ତଙ୍କ ପାଇଁ ସମାନ ଭାବରେ ଆସୁଛି, ହେଲେ ସେହି ଏକା ସମୟରେ ପ୍ରତ୍ୟେକ ମଣିଷର ଜୀବନରେ ଘଟୁଥିବା ଘଟଣା ଓ ଅନୁଭୂତି କେତେ ଭିନ୍ନ ! କାହା ପାଇଁ ସେହି ସମୟ ଅସରନ୍ତି ଆନନ୍ଦର ତ, ଆଉ କାହା ପାଇଁ ଅସହ୍ୟ ଯନ୍ତ୍ରଣାର। ଧରନ୍ତୁ, କୌଣସି ଉତ୍ସବ ପାଳନ ହେଉଛି। ବିବାହ, ବ୍ରତ କିମ୍ବା ଅନ୍ୟ କୌଣସି ପାରିବାରିକ ଉତ୍ସବରେ ଚାରିଆଡ଼େ ହସଖୁସି, ଆଲୋକ, ସଙ୍ଗୀତ ଓ ଆନନ୍ଦର ପରିବେଶ। ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ମିଳନରେ ପରିବେଶ ମୁଖରିତ ହୋଇଉଠେ। ସମସ୍ତେ ଖୁସି ବାଣ୍ଟୁଥାନ୍ତି, ଫଟୋ ଉଠାଉଥାନ୍ତି, ହସୁଥାନ୍ତି ଓ ନାଚୁଥାନ୍ତି। ଠିକ୍ ସେହିପରି ପ୍ରତ୍ୟେକ ବର୍ଷ ଡିସେମ୍ବର ୩୧ ତାରିଖ ରାତି ବାରଟା ପରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସାରା ପରିବେଶ ଉତ୍ସାହ ଓ ଉଲ୍ଲାସରେ ଭରିଯାଏ। ଆତସବାଜି, ଶୁଭେଚ୍ଛା, ଶୁଭକାମନା ଓ ଆନନ୍ଦର କୋଳାହଳରେ ଲୋକେ ନୂଆ ସ୍ୱପ୍ନ ଓ ଆଶା ନେଇ ନୂଆବର୍ଷକୁ ସ୍ୱାଗତ କରନ୍ତି। କ୍ରିକେଟ ମ୍ୟାଚ୍‌ର ଉଦାହରଣ ନିଅନ୍ତୁ। ଟିଭି ପରଦା ଆଗରେ ବସି ହଜାର ହଜାର ଲୋକ ନିଜ ପ୍ରିୟ ଦଳର ବିଜୟ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରୁଥାନ୍ତି। ଷ୍ଟାଡିୟମରେ ଲକ୍ଷ ଲକ୍ଷ ଦର୍ଶକଙ୍କ ତାଳି, ହୋହଲ୍ଲା ଓ ଉତ୍ସାହରେ ପରିବେଶ କମ୍ପିଉଠେ। ଗୋଟିଏ ଛକା କିମ୍ବା ଚଉକାରେ ହଜାର ହଜାର ମୁହଁରେ ହସ ଫୁଟିଉଠେ। ବିଜୟର ମୁହୂର୍ତ୍ତ ଆସିଲେ ଖୁସିର ସୀମା ରହେ ନାହିଁ। କିନ୍ତୁ ମନକୁ ଥରେ ପ୍ରଶ୍ନ କରନ୍ତୁ, ଠିକ୍ ସେହି ସମୟରେ ପୃଥିବୀର ଅନ୍ୟ କୌଣସି କୋଣରେ କ'ଣ ଘଟୁଥିବ। ହୁଏତ କୌଣସି ଡାକ୍ତରଖାନାରେ ଜଣେ ରୋଗୀ ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଥିବ। ତାଙ୍କ ପରିବାର ଲୋକେ ଡାକ୍ତରଙ୍କ ମୁହଁକୁ ଚାହିଁ ଆଶା ଓ ଆଶଙ୍କା ମଧ୍ୟରେ ପ୍ରତିଟି ମୁହୂର୍ତ୍ତ କାଟୁଥିବେ। କାହାର ବାପା ଅସୁସ୍ଥ ହୋଇ ଆଇସିୟୁରେ ଥିବେ, କାହାର ମାଆ ଯନ୍ତ୍ରଣାରେ ଛଟପଟ ହେଉଥିବେ। କେଉଁ ଘରେ ଜଣେ ବୃଦ୍ଧଙ୍କ ମୃତ୍ୟୁରେ ପରିବାରର ସମସ୍ତେ କାନ୍ଦୁଥିବେ। ଯେଉଁ ଘରେ କିଛି ସମୟ ପୂର୍ବରୁ ହସଖୁସି ଓ ଜୀବନର ଚଳଚଞ୍ଚଳତା ଥିଲା, ସେଠାରେ ହୁଏତ ଶୋକର ଛାୟା ଖେଳିଯାଇଥିବ। କେଉଁଠି ଜଣେ ଦୁର୍ଘଟଣାର ଶିକାର ହୋଇ ରାସ୍ତା ଉପରେ ସାହାଯ୍ୟ ପାଇଁ ଅପେକ୍ଷା କରୁଥିବ। କେଉଁଠି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି ଭୟଙ୍କର ପରିସ୍ଥିତିରେ ଫସି ରହିଥିବା ମଣିଷଟି ଉଦ୍ଧାର ପାଇଁ ଭଗବାନଙ୍କୁ ଡାକୁଥିବ। କେହି ନିଜର ଚାକିରି ହରାଇବା ଚିନ୍ତାରେ ଥିବ, କେହି ଋଣଭାରରେ ଚାପି ହୋଇ ଆଗାମୀ ଦିନର ଚିନ୍ତା କରୁଥିବ। କେହି ନିଜ ପିଲାର ପାଠପଢ଼ା ଓ ଭବିଷ୍ୟତକୁ ନେଇ ଚିନ୍ତିତ ଥିବ, ଆଉ କେହି ଦୁଇଓଳି ଖାଇବା ଯୋଗାଡ଼ କରିବା ପାଇଁ ସଂଘର୍ଷ କରୁଥିବ। କେହି ପ୍ରବାସରେ ରହି ନିଜ ପରିବାରକୁ ମନେ ପକାଉଥିବ, ତ ଆଉ କେହି ପ୍ରିୟଜନଙ୍କଠାରୁ ବିଚ୍ଛିନ୍ନ ହୋଇ ଏକାକୀତ୍ୱର ଯନ୍ତ୍ରଣା ଭୋଗୁଥିବ। ଏପରିକି ଆମେ ଯେତେବେଳେ ଆରାମରେ ଘରେ ବସି ଟିଭି ଦେଖୁଥାଉ, ସେତେବେଳେ କୌଣସି ସୈନିକ ସୀମାରେ ଦେଶର ସୁରକ୍ଷା ପାଇଁ ରାତି ଅନିଦ୍ରା ହୋଇ ଜଗି ରହିଥାଏ। କୌଣସି ଡାକ୍ତର ରୋଗୀର ଜୀବନ ବଞ୍ଚାଇବା ପାଇଁ ଅସ୍ତ୍ରୋପଚାର କକ୍ଷରେ ବ୍ୟସ୍ତ ଥାଆନ୍ତି। କୌଣସି ପୋଲିସ କର୍ମଚାରୀ ଆମ ସୁରକ୍ଷା ପାଇଁ ରାସ୍ତାରେ ନିୟୋଜିତ ଥାଆନ୍ତି। କେହି ଶ୍ରମିକ ନିଜ ପରିବାରର ମୁହଁରେ ହସ ଫୁଟାଇବା ପାଇଁ ନିଜ ଶରୀରର ଝାଳକୁ ମାଟିରେ ମିଶାଉଥାଏ।

ଏହି ସବୁ ଦୃଶ୍ୟ ମନକୁ ଆଣିଲେ ଗୋଟିଏ କଥା ସ୍ପଷ୍ଟ ହୁଏ, ଏହି ବିଶାଳ ପୃଥିବୀରେ ଏକା ସମୟରେ ଅସଂଖ୍ୟ କାହାଣୀ ଲେଖା ହେଉଛି। କେଉଁଠି ଜନ୍ମର ଖୁସି, ତ କେଉଁଠି ମୃତ୍ୟୁର ଶୋକ। ତେବେ ଏପରି କାହିଁକି ହୁଏ ? ଏହାର ଉତ୍ତର ବୋଧହୁଏ ଜୀବନର ବିବିଧତା ଭିତରେ ଲୁଚି ରହିଛି। ପ୍ରତ୍ୟେକ ମଣିଷର ଜୀବନ, ପରିସ୍ଥିତି ସଂଘର୍ଷ ଓ ଅନୁଭୂତି ଅଲଗା ପ୍ରକାରର ହେଇଥାଏ। ଯାହା ଜଣଙ୍କ ପାଇଁ ଆନନ୍ଦର କାରଣ, ତାହା ଅନ୍ୟ ଜଣଙ୍କ ପାଇଁ ହୁଏତ ଅସହାୟତାର ମୁହୂର୍ତ୍ତ ହୋଇପାରେ। ଏହା ହିଁ ଜୀବନର ବାସ୍ତବତା। ଘଣ୍ଟାରେ ଗୋଟିଏ ଘଣ୍ଟାର ଅର୍ଥ ଷାଠିଏ ମିନିଟ୍, କିନ୍ତୁ ଅପେକ୍ଷାରେ ଥିବା ଜଣେ ରୋଗୀର ପରିବାର ପାଇଁ ସେହି ଘଣ୍ଟାଟି ଯୁଗ ଯୁଗ ପରି ଲାଗିପାରେ। ପ୍ରିୟଜନଙ୍କ ସହ ଆନନ୍ଦରେ ବିତାଉଥିବା ଏକ ଘଣ୍ଟା କେବେ ବିତିଯାଏ ଜଣାପଡ଼େ ନାହିଁ, କିନ୍ତୁ ଦୁଃଖରେ କାଟୁଥିବା ଗୋଟିଏ ରାତି ବହୁତ ଲମ୍ବା ଲାଗେ। ଅର୍ଥାତ୍ ସମୟର ଗତି ଏକା ହେଲେ ମଧ୍ୟ ତାହାର ଅନୁଭବ ମଣିଷର ମାନସିକ ସ୍ଥିତି ଓ ପରିସ୍ଥିତି ଅନୁସାରେ ବଦଳିଯାଏ। ଆମେ ସାଧାରଣତଃ ନିଜ ଜୀବନର ସୁଖଦ ମୁହୂର୍ତ୍ତଗୁଡ଼ିକୁ ନେଇ ବେଶ୍ ଖୁସି ରହୁ। ଉତ୍ସବ ପାଳନ ଓ ଭୋଜିଭାତ ସହିତ ଆନନ୍ଦ ଉପଭୋଗ କରୁ। ଏଥିରେ କୌଣସି ଭୁଲ୍ ନାହିଁ। କିନ୍ତୁ ସେହି ଖୁସି ଭିତରେ ଯଦି ଆମେ ଥରେ ଭାବିପାରିବା ଯେ ଆମ ପରି ଅନେକ ମଣିଷ ଏହି ସମୟରେ ହୁଏତ ଦୁଃଖ ଓ ସଂଘର୍ଷ ଭିତରେ ଅଛନ୍ତି, ତେବେ ଆମ ମନରେ ସେମାନଙ୍କ ପ୍ରତି ସହାନୁଭୂତି ଜାଗ୍ରତ ହେବ। ଆଉ ଗୋଟିଏ କଥା ମଧ୍ୟ ମନେ ରଖିବା ଉଚିତ। ଆଜି ଯାହାର ଜୀବନରେ ଦୁଃଖର ସମୟ ଚାଲିଛି, କାଲି ତା' ଜୀବନରେ ଖୁସିର ଦିନ ଆସିପାରେ। ଆଜି ଯିଏ ସୁଖ ଓ ସମୃଦ୍ଧିରେ ଅଛି, ଆସନ୍ତାକାଲି ତାକୁ ମଧ୍ୟ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମୟ କେବେ କାହା ପାଇଁ ଏକାଭଳି ରହେ ନାହିଁ। ଜୀବନରେ ସୁଖ ଓ ଦୁଃଖ ହେଉଛି ଦୁଇଟି ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ସୁଖ ସମୟରେ ନମ୍ର ହେବା ଓ ଦୁଃଖ ସମୟରେ ଧୈର୍ଯ୍ୟ ରଖିବା ହିଁ ଜୀବନର ବଡ଼ ଶିକ୍ଷା। ସମୟ ସମସ୍ତଙ୍କ ପାଇଁ ସମାନ, କିନ୍ତୁ ତାର ଅନୁଭୂତି ଓ କାହାଣୀ ସମସ୍ତଙ୍କ ପାଇଁ ଭିନ୍ନ। ଏହି ବିଶାଳ ପୃଥିବୀରେ ଆମେ ଯେତେବେଳେ ନିଜ ଖୁସିରେ ହସୁଥିବା, ସେତେବେଳେ କେଉଁଠି କେହି ହୁଏତ କାନ୍ଦୁଥିବ। ତେଣୁ ଆମ ଖୁସି ଭିତରେ ଟିକିଏ ସମ୍ବେଦନଶୀଳତା, ପରୋପକାର ଓ ମାନବିକତା ରହିବା ଆବଶ୍ୟକ। କାରଣ ଜୀବନର ସବୁଠାରୁ ବଡ଼ ସଫଳତା ନିଜେ ଖୁସିରେ ରହିବା ନୁହେଁ, ବରଂ ନିଜ ଖୁସି ଭିତରେ ଅନ୍ୟ କାହାର ଦୁଃଖକୁ ଟିକିଏ ହାଲୁକା କରିପାରିବା ହିଁ ବଡ କଥା। ସମୟ, ପରିସ୍ଥିତି ଓ ଭାଗ୍ୟ ବଦଳିଯିବ ହେଲେ ମଣିଷ ପ୍ରତି ମଣିଷର ସହାନୁଭୂତି କେବେ ବଦଳିବା ଉଚିତ ନୁହେଁ।



କୈଳାସ ଚନ୍ଦ୍ର ଶତପଥୀ

କ୍ୟାଟ ବାର ଆସୋସିଏସନ୍‌ର ଆଲୋଚନାଚକ୍ର

କଟକ (ଭିଓଭି) : କ୍ୟାଟ ବାର ଆସୋସିଏସନ୍, କଟକ ପକ୍ଷରୁ ବାର ଆସୋସିଏସନ୍ ପରିସରରେ "Constitutional Protection v. Administrative Discipline" (ସାମ୍ବିଧାନିକ ସୁରକ୍ଷା ବନାମ ପ୍ରଶାସନିକ ଶୃଙ୍ଖଳା) ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀ ଶଶିକାନ୍ତ ମିଶ୍ର ସମ୍ମାନନୀୟ ବକ୍ତା ଭାବେ ଯୋଗଦେଇ ବିଷୟବସ୍ତୁ ଉପରେ ନିଜର ମତାମତ ଓ ଅଭିଭାଷଣ ରଖିଥିଲେ। କ୍ୟାଟ କଟକ ବେଞ୍ଚର ମାନ୍ୟବର ଜୁଡ଼ିସିଆଲ ସଦସ୍ୟ ଶ୍ରୀ ସୁଧୀ ରଞ୍ଜନ ମିଶ୍ର ଏବଂ ପ୍ରଶାସନିକ ସଦସ୍ୟ ଶ୍ରୀ ପ୍ରମୋଦ କୁମାର ଦାସ ମଧ୍ୟ ଆଲୋଚନାଚକ୍ରରେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ୟାଟ ବାର ଆସୋସିଏସନ୍‌ର ସଭାପତି ଶ୍ରୀ ଦେବେନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ଶ୍ରୀ କୈଳାସ ଚନ୍ଦ୍ର କାନୁନଗୋ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କ୍ୟାଟ ବାର ଆସୋସିଏସନ୍‌ର ନୂତନ ଲୋଗୋ ମାନ୍ୟବର ଅତିଥିବୃନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ 'ବନ୍ଦେ ଉତ୍କଳ ଜନନୀ' ଗାୟନ କରାଯାଇଥିଲା। ଏହାପରେ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ସାମ୍ବିଧାନିକ ଅଧିକାରର ସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥାରେ ଶୃଙ୍ଖଳାର ଆବଶ୍ୟକତା ମଧ୍ୟରେ ସମନ୍ୱୟ ସ୍ଥାପନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଆଇନ ଓ ପ୍ରଶାସନିକ ବ୍ୟବସ୍ଥା ସହ ଜଡ଼ିତ ଏହି ବିଷୟ ଉପରେ ଉପସ୍ଥିତ ଆଇନଜୀବୀ ଓ ସଦସ୍ୟମାନଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଚର୍ଚ୍ଚାର ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ କ୍ୟାଟ ବାର ସମ୍ପାଦକ ଶ୍ରୀ ରମାକାନ୍ତ ସାହୁ ଉପସଂହାର ଅଭିଭାଷଣ ରଖିଥିବାବେଳେ ଉପସଭାପତି ଶ୍ରୀ ପ୍ରଭାସ ରଞ୍ଜନ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ କୈଳାସ ଚନ୍ଦ୍ର ଶତପଥୀ ସଭାମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ କ୍ୟାଟ ବାର ସମେତ ଅନ୍ୟାନ୍ୟ ବାର ଆସୋସିଏସନ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।





ପତଞ୍ଜଳି ପକ୍ଷରୁ ପ୍ରାକୃତିକ ଚିକିତ୍ସା ଦିବସ ପାଳନ

କଟକ (ଭିଓଭି) : ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ପ୍ରତିବର୍ଷ ନଭେମ୍ବର ମାସ ୧୮ ତାରିଖ ଦିନଟିକୁ ପ୍ରାକୃତିକ ଚିକିତ୍ସା ଦିବସ ଭାବେ ପାଳନ କରାଯାଏ। ପତଞ୍ଜଳି ଯୋଗପୀଠ ଆନୁକୂଲ୍ୟରେ ମହାନଦୀ ବିହାର ଯୋଗ କେନ୍ଦ୍ର ଠାରେ ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ନେତୃତ୍ୱରେ ବିଭିନ୍ନ ପ୍ରକାରର ପ୍ରାକୃତିକ ଚିକିତ୍ସା ବିଷୟରେ ଆଲୋଚନା ଓ ଅଭ୍ୟାସ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଭାରୀ ଶିଶିର କୁମାର ଜେନା, କିଶୋର ସାଗର, ନିତାଇ ବଳ, ପୂର୍ଣ୍ଣଚନ୍ଦ୍ର ସାହୁ, ସାଗର ନାୟକ, ରାମଚନ୍ଦ୍ର ସାହୁ, କୁରେଶ ପାତ୍ର, ମହେନ୍ଦ୍ର ତ୍ରିପାଠୀ, ତ୍ରିନାଥ ଦାସ, ଶ୍ରୀଧର ପଣ୍ଡା, ଜୟନ୍ତ ପୃଷ୍ଟି, ଗୋପିନାଥ ସାହୁ, କବିତା କରଣ, ତପସ୍ୱିନୀ ମହାନ୍ତି, ଜୟଶ୍ରୀ ମହାନ୍ତି, ଗୀତାଞ୍ଜଳି ଶତପଥୀ, ରୀତା ପୁହାଣ, ଉଷାରାଣୀ ଜେନା, ସୁଭଦ୍ରା ପାଣ୍ଡବ, ପ୍ରିୟତମା ଜେନା, ବାସନ୍ତୀ ଦାସ, ନିର୍ମଳା ଚୌଧୁରୀ, ଲୋପାମୁଦ୍ରା ପ୍ରିୟଦର୍ଶିନୀ ଓ ସବିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କିଶୋର ସାଗର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅଗ୍ନି ଚିକିତ୍ସା, ମୃତ୍ତିକା ଚିକିତ୍ସା, ଜଳ ନେତି, ଦୁଗ୍ଧ ନେତି, ସୂତ୍ର ନେତି, ଅକ୍ଷି ତର୍ପଣ, ନସ୍ୟ, ବମନ କ୍ରିୟା, ନୌଳି କ୍ରିୟା, ଶଙ୍ଖ ପ୍ରକ୍ଷାଳନ ଓ ତ୍ରାଟକ ପ୍ରଭୃତି ଅଭ୍ୟାସ କରାଯାଇଥିଲା।



ପ୍ରାକୃତିକ ଚିକିତ୍ସା ଦିବସ ପାଳନ ଅବସରରେ ମୃତ୍ତିକା ଚିକିତ୍ସା ପ୍ରୟୋଗ

ସ୍ୱପ୍ନର ଜମିରେ ଠକେଇର ଜାଲ

ରାଜଧାନୀରେ ସକ୍ରିୟ ଜମି ମାଫିଆ



ନକଲି କାଗଜପତ୍ରରେ ରାତାରାତି ତିଆରି ହେଉଛି ଜମିର ମାଲିକାନା

ଦୁଇ ମାସରେ ୨୦ରୁ ଉର୍ଦ୍ଧ୍ୱ ଜମି ବିକ୍ରି

ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ତଦନ୍ତକୁ ଅପେକ୍ଷା

ଭୁବନେଶ୍ୱର (ଭିଓଭି) : ଭୁବନେଶ୍ୱର କେବଳ ଓଡ଼ିଶାର ରାଜଧାନୀ ନୁହେଁ, ରାଜ୍ୟର ଅସଂଖ୍ୟ ଲୋକଙ୍କ ସ୍ୱପ୍ନର ଠିକଣା। ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟସେବା, ଜୀବନଶୈଳୀ ଓ ଭବିଷ୍ୟତର ଅସୀମ ସମ୍ଭାବନା ଏହି ସହରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ନିଜର ଖଣ୍ଡେ ଜମି ଓ ଘରଟିଏ କରିବା ପ୍ରତ୍ୟେକ ମଣିଷର ଏକ ସୁନ୍ଦର ସ୍ୱପ୍ନ। କିନ୍ତୁ ମଣିଷର ସେହି ସ୍ୱପ୍ନ ଓ ଆଶାକୁ ପୁଞ୍ଜି କରି ଏବେ ରାଜଧାନୀରେ ଜାଲ ବିଛାଇଛନ୍ତି ଜମି ମାଫିଆ। ଜମି କିଣିବାର ଆଶା ଦେଖାଇ ଲୋକଙ୍କ ଜୀବନର ସଞ୍ଚିତ ଧନକୁ ଲୁଟିବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହେଉଛି।

ଜମି କେବଳ ମାଟିର ଏକ ଖଣ୍ଡ ନୁହେଁ; ଏହା ମଣିଷର ଜୀବନବ୍ୟାପୀ ପରିଶ୍ରମ, ସଞ୍ଚୟ ଓ ଭବିଷ୍ୟତର ନିରାପତ୍ତାର ପ୍ରତୀକ। ଏହି ଭାବନାକୁ ଆଧାର କରି ଠକମାନେ ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଛନ୍ତି। ଜମି କିଣିବା ପୂର୍ବରୁ ଆବଶ୍ୟକୀୟ ଯାଞ୍ଚ ନକରିବା ଏବଂ ଦଲାଲଙ୍କ ମିଠା କଥାରେ ବିଶ୍ୱାସ କରିବା ଅନେକଙ୍କ ପାଇଁ ମହଙ୍gା ପଡୁଛି। ଏପରିକି ଜମିର ପ୍ରକୃତ ମାଲିକାନା ଓ କାଗଜପତ୍ରର ସତ୍ୟତା ଜାଣିବା ପୂର୍ବରୁ ଲୋକେ ଲକ୍ଷ ଲକ୍ଷ ଟଙ୍କା ଦେଇ ଠକାମିର ଶିକାର ହେଉଛନ୍ତି।

ଏହି ଠକେଇର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ନକଲି ଦସ୍ତାବିଜ ପ୍ରସ୍ତୁତି। ଅଭିଯୋଗ ଅନୁସାରେ, ଜମି ମାଫିଆମାନେ ନକଲି କାଗଜପତ୍ର ତିଆରି କରି ଅନ୍ୟର ଜମିକୁ ନିଜର ବୋଲି ଦର୍ଶାଉଛନ୍ତି। ଏହି ଜାଲିଆତି ଏତେ ସୁଚିନ୍ତିତ ଭାବେ କରାଯାଉଛି ଯେ ସାଧାରଣ ଲୋକଙ୍କ ପକ୍ଷରେ ଅସଲି ଓ ନକଲି ଦସ୍ତାବିଜ ମଧ୍ୟରେ ପାର୍ଥକ୍ୟ ଜାଣିବା କଷ୍ଟକର ହୋଇପଡୁଛି।

ସାମ୍ନାକୁ ଆସିଥିବା ତଥ୍ୟ ଅନୁସାରେ, ମାତ୍ର ଦୁଇ ମାସ ମଧ୍ୟରେ ରାଜଧାନୀରେ ୨୦ରୁ ଅଧିକ ଜମି କିଣାବିକା ହୋଇଥିବା ଜଣାପଡ଼ିଛି। ଏହା ଜମି କାରବାରରେ ସକ୍ରିୟ ଥିବା ଠକ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଜମି ମାଲିକଙ୍କୁ ଚିହ୍ନଟ କରିବା, ନକଲି କାଗଜପତ୍ର ପ୍ରସ୍ତୁତ କରିବା ଓ ଅନ୍ୟର ସମ୍ପତ୍ତିକୁ ବିକ୍ରି କରିଦେବା ଭଳି ଘଟଣା ଏବେ ଚିନ୍ତାର କାରଣ ହୋଇଛି।

ଠକେଇର ଜାଲରେ ସାଧାରଣ ଲୋକ । ସହରର ବିଭିନ୍ନ ଅଞ୍ଚଳରେ ଜମି କିଣାବିକାକୁ କେନ୍ଦ୍ର କରି ଠକେଇର ଅଭିଯୋଗ ସାମ୍ନାକୁ ଆସୁଛି। ସହିଦନଗର ଥାନା ଅଞ୍ଚଳରେ ମଧ୍ୟ ଏଭଳି ଏକ ଜମି କାରବାରକୁ ନେଇ ଗୁରୁତର ଘଟଣା ଘଟିଥିବା ଖବରରେ ଉଲ୍ଲେଖ ରହିଛି। ଜମି କିଣାବିକାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବାର ଏହି ପ୍ରବୃତ୍ତି ସାଧାରଣ ନାଗରିକଙ୍କ ମନରେ ଅସୁରକ୍ଷାର ଭାବନା ସୃଷ୍ଟି କରୁଛି।

ପୁଲିସ ପକ୍ଷରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗଠନ ଓ ଏଭଳି ଅପରାଧ ଉପରେ ନଜର ରଖିବାର ପଦକ୍ଷେପ ନିଆଯାଇଥିବା ସତ୍ତ୍ୱେ ଜମି ଠକେଇର ଘଟଣା ଥମିବାର ନାଁ ନେଉନାହିଁ। ଏପରି ସ୍ଥିତିରେ ଜମି ମାଫିଆଙ୍କ ନେଟୱର୍କକୁ ଚିହ୍ନଟ କରିବା ସହ ନକଲି ଦସ୍ତାବିଜ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନର ପରିସରକୁ ଆଣିବା ଜରୁରୀ ହୋଇପଡ଼ିଛି।

ସହରର ବିକାଶ ସହ ଜମିର ମୂଲ୍ୟ ବଢ଼ିବା ସ୍ୱାଭାବିକ। କିନ୍ତୁ ବିକାଶର ଏହି ଯାତ୍ରା ଯଦି ଠକେଇ, ଜାଲିଆତି ଓ ଅନ୍ୟର ସମ୍ପତ୍ତି ହଡ଼ପ କରିବାର ମାଧ୍ୟମ ପାଲଟିଯାଏ, ତେବେ ତାହା ସମାଜ ପାଇଁ ଏକ ବିପଜ୍ଜନକ ସଙ୍କେତ। ନିଜ ଜୀବନର ସମସ୍ତ ସଞ୍ଚୟ ଲଗାଇ ଜମି ଖଣ୍ଡେ କିଣୁଥିବା ସାଧାରଣ ମଣିଷର ସ୍ୱପ୍ନ ଯେପରି ଠକଙ୍କ ହାତରେ ଧୂଳିସାତ୍ ନହୁଏ, ସେଥିପାଇଁ କଠୋର ଓ ତ୍ୱରିତ ପଦକ୍ଷେପ ଆବଶ୍ୟକ।

କାରଣ, ଏକ ସହରର ପ୍ରକୃତ ପରିଚୟ କେବଳ ତାହାର ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାସ୍ତା ଓ ବଢୁଥିବା ଜମିର ମୂଲ୍ୟରେ ନୁହେଁ; ବରଂ ସେଠାରେ ବସବାସ କରୁଥିବା ମଣିଷଙ୍କ ସୁରକ୍ଷା, ନ୍ୟାୟ ଓ ଆସ୍ଥାରେ ନିହିତ। ରାଜଧାନୀରେ ଜମି ମାଫିଆଙ୍କ ଏହି ଅଦୃଶ୍ୟ ଜାଲକୁ ଛିନ୍ନ କରିବା ଏବେ ସମୟର ଆହ୍ୱାନ।

ବାଲିଯାତ୍ରା ପାଇଁ ଟ୍ରାଫିକ୍ କଟକଣା

ନିର୍ଦ୍ଧାରିତ ସ୍ଥାନରେ ହେବ ଗାଡ଼ି ପାର୍କିଂ

ଭୁବନେଶ୍ୱର (ଭିଓଭି) : ଭୁବନେଶ୍ୱରର ବାଙ୍କୁଆଳ ଓ ମଞ୍ଜେଶ୍ୱରସ୍ଥିତ କୁଆଖାଇ ନଦୀକୂଳରେ ଆସନ୍ତା ୨୪ ତାରିଖରୁ ଡିସେମ୍ବର ୩ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ଆୟୋଜିତ ହେବ। ଉତ୍ସବକୁ ଆସୁଥିବା ଲୋକଙ୍କ ଭିଡ଼ ଏବଂ ଯାନବାହନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥା ଲାଗୁ କରାଯାଇଛି। ପ୍ରତିଦିନ ଅପରାହ୍ଣ ୨ଟାରୁ ଆରମ୍ଭ ହେବାକୁ ଥିବା ଏହି କଟକଣା ଭିଡ଼ କମିବା ପର୍ଯ୍ୟନ୍ତ ବଳବତ୍ତର ରହିବ।



ସାଇ ମନ୍ଦିର ଛକ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ ଅବରୋଧ ସ୍ଥଳ ଅତିକ୍ରମ କରି ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ। ଏହି ଗାଡ଼ିଗୁଡ଼ିକ ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ରଖିବାକୁ ପଡ଼ିବ। ରଙ୍ଗବଜାର ପାର୍ଶ୍ୱ ବ୍ରିଜ୍‌ର ଶେଷ ଭାଗରେ ବ୍ୟାରିକେଡ୍ କରାଯିବ। ସେଠାରୁ ଆଗକୁ ବାଲିଯାତ୍ରା ପଡ଼ିଆ ଅଭିମୁଖେ ଯାନବାହନ ଯାଇପାରିବ ନାହିଁ। ଏହି ଗାଡ଼ିଗୁଡ଼ିକ ପାଇଁ ରଙ୍ଗବଜାର ନିକଟରେ ପାର୍କିଂ ବ୍ୟବସ୍ଥା ରହିବ। ସେହିପରି ବାଳକାଟି ପାର୍ଶ୍ୱ ବ୍ରିଜ୍‌ର ଶେଷ ଭାଗରୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଯିବ। ଏହି ରାସ୍ତାରେ ଆସୁଥିବା ଗାଡ଼ିଗୁଡ଼ିକ ଶ୍ରୀରାମପୁରଠାରେ ଚିହ୍ନଟ ହୋଇଥିବା ପାର୍କିଂ ସ୍ଥାନରେ ରଖିବେ।

ହାଇଟେକ୍ ମେଡିକାଲ ଓ ବାଙ୍କୁଆଳ ଗ୍ରାମ ପାର୍ଶ୍ୱରେ ଏବଂ ବାଲୁଙ୍କେଶ୍ୱର ମନ୍ଦିର ଗଡ଼ା ନିକଟରେ ମଧ୍ୟ ବ୍ୟାରିକେଡ୍ ଲଗାଯିବ। ଏହି ସ୍ଥାନଗୁଡ଼ିକରୁ ଆଗକୁ ଯାନବାହନ ଯିବା ନିଷିଦ୍ଧ ରହିବ। ଗାଡ଼ିଗୁଡ଼ିକୁ ବାଲୁଙ୍କେଶ୍ୱର ଗଡ଼ା କିମ୍ବା ଗ୍ୟାସ୍ ଗୋଦାମ ନିକଟସ୍ଥ ପାର୍କିଂ ସ୍ଥଳରେ ରଖିବାକୁ ହେବ। ଲିଙ୍ଗିପୁର ବ୍ରିଜ୍‌ର ଶେଷ ଭାଗରୁ ମଧ୍ୟ ବାଲିଯାତ୍ରା ପଡ଼ିଆ ଦିଗକୁ ଗାଡ଼ି ଚଳାଚଳ ବନ୍ଦ ରହିବ। ଏହି ଅଞ୍ଚଳକୁ ଆସୁଥିବା ଗାଡ଼ିଗୁଡ଼ିକ ବାସୁଆଘାଇ ନଦୀପଠାରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଗାଡ଼ି ରଖିବେ ବୋଲି ପୁଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଟଙ୍କପାଣି ରାସ୍ତାରେ ଯାନବାହନ ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ ଡାଇଭର୍ସନ୍ ବ୍ୟବସ୍ଥା କରାଯାଇଛି। ନନ୍ଦନକାନନ ପଟୁ ଆସୁଥିବା ଗାଡ଼ିଗୁଡ଼ିକୁ ଇଞ୍ଜଣା କେନାଲ ବ୍ରିଜ୍ ଦେଇ ରସୁଲଗଡ଼ କିମ୍ବା ପଳାଶୁଣି ଆଡ଼କୁ ଡାଇଭର୍ଟ କରାଯିବ। ଏହି ଗାଡ଼ିଗୁଡ଼ିକୁ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯିବାକୁ ଅନୁମତି ମିଳିବ ନାହିଁ।

ଅନ୍ୟପକ୍ଷରେ ଭିଡ଼ ନିୟନ୍ତ୍ରଣ ଓ ସୁଗମ ଯାତାୟାତ ପାଇଁ ମଞ୍ଜେଶ୍ୱର ଗଡ଼ାରୁ ନନ୍ଦନକାନନ ପର୍ଯ୍ୟନ୍ତ କୁଆଖାଇ ନଦୀ ରାସ୍ତାରେ ଭାରୀ ଓ ବାଣିଜ୍ୟିକ ଯାନବାହନ ଚଳାଚଳକୁ ନିଷିଦ୍ଧ କରାଯାଇଛି। ମଞ୍ଜେଶ୍ୱର ଗଡ଼ା ପଟୁ ବାଲିଯାତ୍ରା ପଡ଼ିଆ ଅଭିମୁଖେ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟ କେବଳ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ପର୍ଯ୍ୟନ୍ତ ଯାଇପାରିବେ। ବରିମୁଣ୍ଡ ଗ୍ରାମ ପାର୍ଶ୍ୱରୁ ଆସୁଥିବା ଯାନବାହନ ଜରିପାଟଣା ଗ୍ରାମ ନିକଟରେ ଚିହ୍ନଟ ପାର୍କିଂ ସ୍ଥାନରେ ରହିବେ। ତେବେ ପୁଲିସ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ିଗୁଡ଼ିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଟ୍ରାଫିକ୍ ନିୟମ ଓ ପାର୍କିଂ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କଲେ ଜୋରିମାନା ଆଦାୟ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଛି।

ଖଟିଆରେ ବୁହା ହେଲେ ରୋଗୀ



ଲାଠିକଟା (ଭିଓଭି) : ବିକାଶର ଅନେକ ଚିତ୍ର ଆଜି ଆମ ସାମ୍ନାରେ ଉଭା ହୋଇଥିଲେ ମଧ୍ୟ ଗ୍ରାମାଞ୍ଚଳର କିଛି ବାସ୍ତବତା ଏବେ ବି ମନକୁ ବ୍ୟଥିତ କରୁଛି। କେଉଁଠି ରାସ୍ତା ଅଛି, ହେଲେ ଯାତାୟାତ ଅନୁପଯୋଗୀ; ଆଉ କେଉଁଠି ଜରୁରୀ ସେବା ପହଞ୍ଚିବା ପାଇଁ ମଧ୍ୟ ରାସ୍ତା ବାଧକ ସାଜୁଛି। ଏହାର ଏକ ହୃଦୟବିଦାରକ ଚିତ୍ର ଲାଠିକଟା ଅଞ୍ଚଳରେ ଦେଖିବାକୁ ମିଳିଛି। ଖରାପ ରାସ୍ତା ଯୋଗୁଁ ଗାଁ ଭିତରକୁ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଛି। ସୂଚନା ଅନୁଯାୟୀ, ଗାଁର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ରୋଗୀଙ୍କୁ ନେବା ପାଇଁ ଡକାଯାଇଥିବା ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରିନଥିଲା। ଅନ୍ୟ ଉପାୟ ନ ପାଇ ପରିବାରଲୋକ ଓ ଗ୍ରାମବାସୀ ଏକ ଖଟିଆରେ ରୋଗୀଙ୍କୁ ଶୁଆଇ କାନ୍ଧରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ଏହି ଦୃଶ୍ୟ କେବଳ ଗୋଟିଏ ପରିବାରର ଅସହାୟତା ନୁହେଁ, ବରଂ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଓ ଯୋଗାଯୋଗ ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାରେ ପକାଇଛି।

ବର୍ଷା ହେଲେ ଅଞ୍ଚଳର ରାସ୍ତାଗୁଡ଼ିକର ଅବସ୍ଥା ଆହୁରି ଦୟନୀୟ ହୋଇପଡୁଛି। କାଦୁଅ ଓ ପାଣି ଭର୍ତ୍ତି ରାସ୍ତାରେ ସାଧାରଣ ଯାତାୟାତ ମଧ୍ୟ କଷ୍ଟକର ହୋଇଯାଉଛି। ଏଭଳି ସ୍ଥିତିରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ଏକ ବଡ଼ ସମସ୍ୟାରେ ପରିଣତ ହେଉଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ରାସ୍ତା ନଥିବାରୁ ତାହାର ସେବା ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ। ଏହି ଅଞ୍ଚଳର ରାସ୍ତା ସମସ୍ୟା ଦୀର୍ଘଦିନର। ବର୍ଷା ଦିନେ ଏହା ଆହୁରି ଜଟିଳ ରୂପ ନେଉଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସାଳୟ ପହଞ୍ଚାଇବା ଏକ ମାନବୀୟ ଆବଶ୍ୟକତା ହୋଇଥିବା ବେଳେ ରାସ୍ତାର ଦୁରବସ୍ଥା ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଛି।

ଗ୍ରାମବାସୀଙ୍କ ମତରେ, ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତାର ଉନ୍ନତିକରଣ ଅତ୍ୟନ୍ତ ଜରୁରୀ। କେବଳ ଯୋଜନା ଓ ପ୍ରତିଶ୍ରୁତିରେ ଗ୍ରାମାଞ୍ଚଳର ଦୁର୍ଦ୍ଦଶା ଦୂର ହେବ ନାହିଁ; ମୌଳିକ ସୁବିଧା ଲୋକଙ୍କ ପାଖରେ ପହଞ୍ଚିବା ହିଁ ପ୍ରକୃତ ବିକାଶର ପରିଚୟ। ଜରୁରୀ ସମୟରେ ଯେଉଁଠି ଜଣେ ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଖଟିଆର ଆଶ୍ରୟ ନେବାକୁ ପଡୁଛି, ସେଠାରେ ରାସ୍ତାର ଆବଶ୍ୟକତା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ସହଜରେ ଅନୁମେୟ। ତେଣୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି ଓ ଉନ୍ନତିକରଣ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

ସଂପାଦକୀୟ

ମମତାର ଏକ ଅମୂଲ୍ୟ ଅଧ୍ୟାୟ

ଶିଶୁ ଜନ୍ମର ପ୍ରଥମ ୨୮ ଦିନର ଯତ୍ନକୁ ଗୁରୁତ୍ୱ ଦେଇ ଆମ ଭାରତବର୍ଷରେ ନଭେମ୍ବର ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ 'ନବଜାତ ଶିଶୁ ଯତ୍ନ ସପ୍ତାହ' ପାଳନ କରାଯାଉଛି । ଏହି ସମୟରେ ସମ୍ବଲପୁର ଜିଲ୍ଲାର ଯୁଗୁମୁରା ଅଞ୍ଚଳରୁ ଏକ ହୃଦୟବିଦାରକ ଖବର ଶୁଣି ମନଟା ଭାରାକ୍ରାନ୍ତ ହୋଇଗଲା । ଅପବାଦରୁ ରକ୍ଷା ପାଇବା ପାଇଁ ଜଣେ ମାଆ ନିଜର ଦଶ ମାସର ଶିଶୁପୁତ୍ରକୁ କୂଅରେ ପକାଇ ହତ୍ୟା କରିଥିବା ଖବର ମନକୁ ଦୋହଲାଇ ଦେଲା । ଏହା କେବଳ ଗୋଟିଏ ଘଟଣା ନୁହେଁ । ପ୍ରାୟ ପ୍ରତିଦିନ ଖବରକାଗଜ ଓ ଟେଲିଭିଜନରେ ଏହିପରି ଅନେକ ହୃଦୟବିଦାରକ ଖବର ଆମେ ଦେଖିବାକୁ ପାଉଛୁ । କେଉଁଠି ନବଜାତ ଶିଶୁକୁ ଜନ୍ମ ଦେବା ପରେ ରାସ୍ତାକଡ଼ରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଫିଙ୍ଗି ଦିଆଯାଉଛି, ତ ଆଉ କେଉଁଠି ମାଆମାନେ ନିଜ ବୁକୁରୁ ଝରି ଆସୁଥିବା ଅମୃତ ସମାନ ସ୍ତନ୍ୟକ୍ଷୀର ଶିଶୁକୁ ଦେବାରେ ଅବହେଳା କରୁଛନ୍ତି । ଏହାର ପରିଣାମ ସ୍ୱରୂପ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ଜଡ଼ିତ ମୋ ଜୀବନର ଏକ ଅଭୁଲା ସ୍ମୃତିକୁ ଆଜିର ଏହି ସ୍ତମ୍ଭରେ ସ୍ଥାନ ଦେବାକୁ ଉଚିତ ମନେ କଲି ।


ଗତ ୧୮ ତାରିଖ ଦିନ ସାନ ମାମୁଁଙ୍କ ଦଶାହ କର୍ମରେ ଯୋଗଦେବା ପାଇଁ ତାଙ୍କ ଗାଁ ପୋଖରୀ କୂଳରେ ଆମନ୍ତ୍ରିତ ବନ୍ଧୁବାନ୍ଧବମାନେ ଏକତ୍ରିତ ହୋଇଥିଲେ । କ୍ରିୟାକର୍ମ ଆଗେଇ ଚାଲିଥାଏ । ପୁରୁଷମାନଙ୍କ ମଧ୍ୟରୁ କିଏ ଦାଢ଼ି କାଟୁଥାଏ, କିଏ ଚୁଟି ଖିଅର ହେଉଥାଏ, ଆଉ କେହି କେହି ସମ୍ପୂର୍ଣ୍ଣ ଲଣ୍ଡା ହେଉଥାନ୍ତି । କେହି ନଖ କାଟୁଥାନ୍ତି ତ ଆଉ କେହି ହାତ ପାପୁଲିରେ ସୋରିଷ ତେଲ ଆଣି ଦେହସାରା ବୋଳି ହେଉଥାନ୍ତି । ମୁଁ ଦୁଇଥର ତେଲ ଆଣିବାକୁ ଯିବାବେଳେ ସାନ ଅଜାଙ୍କ ପୁଅ, ଆମ ମଡ଼ିଆ ମାମୁଁ ମୋତେ ବାରଣ କରି କହିଲେ, ନା, ଏସବୁ ଅଶୁଭ କାର୍ଯ୍ୟରେ ଥରୁଟିଏ ମାତ୍ର ତେଲ ଆଣି ଦେହସାରା ଲଗାଇବାକୁ ହୁଏ । ବାତ୍ୟା ଆସିବାର ପୂର୍ବଦିନ ହୋଇଥିବାରୁ ପାଗଟା ଖୁବ୍ କୋହଲା ଥିଲା । ପୋଖରୀଟି ଅନ୍ୟ ଗାଁରେ ଥିବାରୁ ଥଣ୍ଡା ଧରିବା ଭୟରେ ସମସ୍ତେ ଦେହରେ ଭଲ ଭାବରେ ତେଲ ଲଗାଉଥିଲେ । ଏହି ସମୟରେ ମୋତେ ବହୁତ ଭଲ ପାଉଥିବା ମଡ଼ିଆ ମାମୁଁ ଡାକି ନେଲେ ପୋଖରୀ ହୁଡ଼ାକୁ ଲାଗି ରହିଥିବା ତାଙ୍କ ଚାଷଜମି ଦେଖାଇବାକୁ । ସେଠାରେ ସୁନ୍ଦର ଧାନ ଫସଲ ଦେଖାଉ ଦେଖାଉ ନିଜ ପିଲାଦିନର ଏକ ଅଭୁଲା କାହାଣୀ ଶୁଣାଇଥିଲେ । ନବଜାତ ଶିଶୁ ଯତ୍ନ ସପ୍ତାହ ଓ ଶିଶୁ ଜନ୍ମର ପ୍ରଥମ ୨୮ ଦିନର ଗୁରୁତ୍ୱ ବିଷୟରେ କଥା ହେଉ ହେଉ ସେ ତାଙ୍କ ଜନ୍ମର ମାତ୍ର ୧୩ ଦିନର ଏକ ଘଟଣା ବର୍ଣ୍ଣନା କରିଥିଲେ । ତାଙ୍କୁ ମାତ୍ର ୧୩ ଦିନ ହୋଇଥିବାବେଳେ ତାଙ୍କ ବୋଉ, ଅର୍ଥାତ୍ ମୋର ସାନ ଆଇଙ୍କୁ ଏକ ବିଷାକ୍ତ ତମ୍ଭ ସାପ କାମୁଡ଼ିଥିଲା । ସେତେବେଳେ ଗାଁରେ ସାପ କାମୁଡ଼ାର ପ୍ରତିଷେଧକ ଇଞ୍ଜେକ୍ସନ ସହଜରେ ମିଳୁନଥିଲା । ଶରୀର ନୀଳ ପଡ଼ିଯାଇଥିବା ଅବସ୍ଥାରେ ଗାଁ ଲୋକମାନେ ତାଙ୍କୁ ଏହି ପୋଖରୀ କୂଳରେ ଥିବା ମହାଦେବଙ୍କ ମନ୍ଦିରକୁ ନେଇ ଆସିଥିଲେ । ମୋ ସାନ ଅଜା ସେତେବେଳେ ନାଏବ ସରପଞ୍ଚ ଥିବାରୁ ଗାଁର ସବୁ ସାହିରୁ ଲୋକମାନେ ଆସି ସେଠାରେ ରୁଣ୍ଡ ହୋଇଯାଇଥିଲେ । ପୂଜାରୀ ମନ୍ଦିର ଖୋଲି ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପ୍ରାଙ୍ଗଣରେ ଥିବା କୂଅରୁ ଗରାରେ ପାଣି କାଢ଼ି ତାଙ୍କ ଉପରେ ଢାଳିବା ଆରମ୍ଭ କରିଥିଲେ । ଶୁଣିଛି, ଏତେ ପରିମାଣର ପାଣି ତାଙ୍କ ଉପରେ ଢଳାଯାଇଥିଲା ଯେ କୂଅର ପାଣି ଅଧା ଶୁଖିଯାଇଥିଲା ! ପ୍ରଭୁ ମହାଦେବଙ୍କ ଆଶୀର୍ବାଦରୁ ମୋ ସାନ ଆଈ ସେହି ମୃତ୍ୟୁମୁଖୀ ଅବସ୍ଥାରୁ ଫେରି ନୂଆ ଜୀବନ ପାଇଥିଲେ । ମୋ ଅଜା ଓ ସାନ ଅଜା ମିଶି ଗୋଟିଏ ଘରେ ରହୁଥିଲେ । ସାପ କାମୁଡ଼ାରୁ ସଦ୍ୟ ମୁକ୍ତି ପାଇଥିବାରୁ ଅଜାଙ୍କ ନିର୍ଦ୍ଦେଶକ୍ରମେ ମଡିଆ ମାମୁଁଙ୍କୁ ତାଙ୍କ ବୋଉର କ୍ଷୀର ଖାଇବାକୁ ଦିଆଗଲା ନାହିଁ । ସେତେବେଳେ ତାଙ୍କ ଦେଠେଇଙ୍କ ସାନ ଝିଅଙ୍କୁ ବୟସ ମାତ୍ର ଛଅ ମାସ ହୋଇଥିଲା । ଅଜାଙ୍କ ନିର୍ଦ୍ଦେଶରେ ମୋ ଜନ୍ମର ୧୩ ଦିନଠାରୁ ଆରମ୍ଭ କରି ପ୍ରାୟ ତିନି ମାସ ପର୍ଯ୍ୟନ୍ତ ମୁଁ ଦେଠେଇଙ୍କ କ୍ଷୀର ଖାଇ ବଞ୍ଚିଥିଲି । ଅତ୍ୟନ୍ତ ଆବେଗଭରା କଣ୍ଠରେ ମାମୁଁ କହିଥିଲେ, ଦେଠେଇଙ୍କ ଗୋଟିଏ ପଟରୁ ତାଙ୍କ ସାନ ଝିଅ କ୍ଷୀର ପିଉଥିବାବେଳେ ଅନ୍ୟଟିରୁ ମୁଁ କ୍ଷୀର ପିଉଥିଲି । ଅର୍ଥାତ୍, ନିଜ ଛଅ ମାସର ଶିଶୁ ସହିତ ମୋତେ ମଧ୍ୟ ସମାନ ସ୍ନେହ ଓ ମମତାରେ ନିଜ ବୁକୁରୁ କ୍ଷୀର ପିଆଇ ବଞ୍ଚାଇ ରଖିଥିଲେ ମୋ ଦେଠେଇ । ମୁଁ ସିନା ସେତେବେଳେ ଅତି ଛୋଟ ଥିଲି । ଏହି ମହାନ ତ୍ୟାଗର ମୂଲ୍ୟ ବୁଝିବା କିମ୍ବା ଅନୁଭବ କରିବାର ବୟସ ମୋର ହୋଇନଥିଲା । କିନ୍ତୁ ବଡ଼ ହେବା ପରେ ଯେତେବେଳେ ଏହି ଘଟଣା ଶୁଣିଲି, ମୋ ଦଦେଇ ଓ ଦେଠେଇଙ୍କ ପ୍ରତି ଥିବା ସମ୍ମାନ ଓ ଶ୍ରଦ୍ଧା ଦୁଇଗୁଣ ହୋଇଗଲା । ନନା ଓ ଦଦେଇଙ୍କ ମଧ୍ୟରେ ଥିବା ଆତ୍ମୀୟତା, ବୋଉ ଓ ଦେଠେଇଙ୍କ ମଧ୍ୟରେ ଥିବା ପରସ୍ପର ପ୍ରତି ଶ୍ରଦ୍ଧା ଓ ଭଲପାଇବାକୁ ମୁଁ ନିଜ ଆଖିରେ ଦେଖିଛି ଓ ଅନୁଭବ କରିଛି । ଏହା ହିଁ ଥିଲା ଆମ ଯୌଥ ପରିବାରର ପ୍ରକୃତ ସମ୍ପଦ ।

ଏହି ଘଟଣା ଆଜିର ସମାଜକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଛି । ପ୍ରଥମଟି ହେଉଛି, ଯୌଥ ପରିବାରର ଆବଶ୍ୟକତା ଓ ମହତ୍ତ୍ୱ । ଦ୍ୱିତୀୟଟି ହେଉଛି, ଜଣେ ବଡ଼ ମାଆଙ୍କ ମମତା, ସ୍ନେହ ଓ ତ୍ୟାଗର ଗଭୀରତା । ମାତୃତ୍ୱ କେବଳ ଜନ୍ମଦାତ୍ରୀ ମାଆଙ୍କଠାରେ ସୀମିତ ନୁହେଁ; ଯେଉଁ ହୃଦୟରେ ନିଃସ୍ୱାର୍ଥ ମମତା ଓ ତ୍ୟାଗ ରହିଛି, ସେଠାରେ ମଧ୍ୟ ମାତୃତ୍ୱର ଅପୂର୍ବ ପରିପ୍ରକାଶ ଘଟେ । ଆଜିର ଏହି ଘଟଣା ମୋତେ ଭାବୁକ କରିଦେଉଛି । କିପରି ମଡିଆ ମାମୁଁ ଅଜାଣତରେ ତାଙ୍କ ଦେଠେଇଙ୍କ ବୁକୁରୁ କ୍ଷୀର ପିଇ ବଞ୍ଚିଥିଲେ । ଜୀବନର ପ୍ରଥମ ଦିନଗୁଡ଼ିକରେ ଦେଠେଇ କିପରି ତାଙ୍କ ପାଇଁ ଦ୍ୱିତୀୟ ମାଆ ସାଜିଥିଲେ । ତାଙ୍କର ସେହି ଅମୂଲ୍ୟ ମମତା ଓ ତ୍ୟାଗର ଋଣ କେବେ ତ ଶୁଝି ହେବ ନାହିଁ । ଆଜି ନବଜାତ ଶିଶୁ ଯତ୍ନ ସପ୍ତାହରେ ସେହି ଅଭୁଲା ସ୍ମୃତିକୁ ମଡିଆ ମାମୁଁ ମନେ ପକାଇବାରୁ ମମତାମୟୀ ତାଙ୍କର ସେହି ଦେଠେଇଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ କୋଟି କୋଟି ପ୍ରଣାମ । ତାଙ୍କ ବୁକୁର ଅମୃତ କେବଳ ମଡିଆ ମାମୁଁଙ୍କ ଶରୀରକୁ ବଞ୍ଚାଇ ନଥିଲା, ବରଂ ଜୀବନରେ ମମତା, ତ୍ୟାଗ ଓ ମାନବିକତାର ଏକ ଅମୂଲ୍ୟ ଅଧ୍ୟାୟ ଲେଖିଦେଇଥିଲା ।

ବଡ଼ପଣ୍ଡାଙ୍କ ଘରକୁ କାହିଁକି ଯାଉଥିଲେ ଶ୍ରୀକୃଷ୍ଣ ?

-: ଶିବାନୀ ପଣ୍ଡା :-

କାର୍ତ୍ତିକ ଶୁକ୍ଳ ପକ୍ଷ ଅଁଳା ନବମୀ ତିଥି । ଏହି ପୁଣ୍ୟ ତିଥିରେ ଦର୍ଶନ କରାଯାଏ ଶ୍ରୀରାଧାଙ୍କ ପାଦପଦ୍ମ । କୁହାଯାଏ ଏହି ଦିନ ଶ୍ରୀରାଧା ଓଡ଼ିଆଣୀ ବେଶରେ ସଜ୍ଜିତ ହୋଇଥା'ନ୍ତି । ଏଥିପାଇଁ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ପାଦ ଦର୍ଶନ କରିବାକୁ ଭକ୍ତଙ୍କ ନାହିଁନଥିବା ଭିଡ଼ ଲାଗେ । ନିଷ୍କାମ ଭକ୍ତିର ପରାକାଷ୍ଠା ଶ୍ରୀରାଧା । ଯାହାଙ୍କ ନାମ ସ୍ମରଣ ମାତ୍ରକେ ମନୁଷ୍ୟର ପାତକ ନାଶ ଯାଏ । ପବିତ୍ର ଅଁଳା ନବମୀରେ ତାଙ୍କର ପାଦ ଦର୍ଶନ ଲାଗି ଭକ୍ତଙ୍କ ମନ ବ୍ୟାକୁଳ । ବର୍ଷସାରା ଲୁଗା ଘେରରେ ଘୋଡ଼ାଇ ହୋଇଥିବା ଶ୍ରୀରାଧାରାଣୀଙ୍କର ପାଦପଦ୍ମ ଯୁଗଳକୁ ବର୍ଷକରେ ଥରେ ନବମୀଦିନ ଭକ୍ତମାନେ ଦର୍ଶନ କରି ଆଶିଷ ଲାଭ କରନ୍ତି । ଏହି ଦିନଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର । କିମ୍ବଦନ୍ତୀ ଅନୁସାରେ, ରାଜା ଜନମାଧବ ଯମୁନା ନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ



ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବାକୁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ପରବର୍ତ୍ତୀ ସମୟରେ ଓଡ଼ିଶାର ରାଜା ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ପୁରୀକୁ ସାଙ୍ଗରେ ନେଇଆସିଲେ । ପୁରୀରୁ କଟକସ୍ଥ ବାରବାଟୀ ଦୁର୍ଗ, ବାରବାଟି ଦୁର୍ଗରୁ ଖୋର୍ଦ୍ଧାସ୍ଥ ରଥିପୁର ଓ ପରେ କନ୍ତଳବାଇକୁ ପ୍ରଭୁଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ଶେଷରେ ପ୍ରଭୁଙ୍କ ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପ ନିକଟରେ ସ୍ଥାପିତ ହେଲା । ସାକ୍ଷୀଗୋପାଳ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ହେବାର ଅଳ୍ପଦିନ ପରେ ରାଜା ରାମଚନ୍ଦ୍ର ଦେବଙ୍କୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଷ ହେଲା – ''ସାକ୍ଷୀଗୋପାଳ ଭୋଗବୁହା ବାଟ ପାଖରେ ବସି ଆମର ପିଠା ଆଦି ସମସ୍ତ ମିଷ୍ଟାନ୍ନ ଆଗରୁ ଅଇଁଠା କରି ଦେଉଛନ୍ତି, ଆମେ ଉପବାସ ରହୁଛୁ ।'' ରାଜାଙ୍କ ନିଦ ତତକ୍ଷଣାତ୍ ଭାଙ୍ଗିଗଲା, ରାଜା ଭାରି ବ୍ୟସ୍ତ ହୋଇ ପଡ଼ିଲେ । ଏହିପରି ଅଶ୍ୱାସ୍ତିକର ଅବସ୍ଥାରେ ଥିବା ସମୟରେ ବାବା ବ୍ରହ୍ମଚାରୀ ନାମକ ଜଣେ ସନ୍ନ୍ୟାସୀ ରାଜାଙ୍କ ପାଖକୁ ଯାଇ କହିଲେ ପୁରୀ ଠାରୁ ୧୫ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରି- ଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ଶ୍ରୀ ସାକ୍ଷୀ- ଗୋପାଳଙ୍କୁ ସ୍ଥାପନ କର । ଏହି ଧାମ ଠିକ୍ ବୃନ୍ଦାବନ ଧାମ ପରି । ରାଜା ଶ୍ରୀରାମଚନ୍ଦ୍ର ଦେବ ବାବା ବ୍ରହ୍ମଚାରୀଙ୍କ ପରାମର୍ଶକୁ ସାକ୍ଷୀଗୋପାଳଙ୍କ ଇଚ୍ଛା ଭାବି ଏହି ପ୍ରାକୃତିକ ବନରେ ପ୍ରଥମେ ସିଦ୍ଧବଳରାମଙ୍କ ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରାଇ ଶ୍ରୀସାକ୍ଷୀଗୋପାଳଙ୍କୁ ସ୍ଥାପନ କରାଇଲେ । ପରବର୍ତ୍ତୀ କାଳରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଯାଇଛି । ଶ୍ରୀକୃଷ୍ଣ ସାକ୍ଷୀଗୋପାଳ ରୂପେ ରହିଲେ ସାକ୍ଷୀଗୋପାଳରେ ଏବଂ ଶ୍ରୀରାଧା ରହିଲେ ବୃନ୍ଦାବନରେ । ପରସ୍ପର ସହିତ ମିଳନ ନ ହେବାରୁ ଉଭୟେ ଭାରି ବ୍ୟସ୍ତ ଅନୁଭବ କଲେ । ସମୟକ୍ରମେ କୃଷ୍ଣପ୍ରିୟା ଶ୍ରୀରାଧା ସେବକ ସାହିସ୍ଥିତ ଶ୍ରୀସାକ୍ଷୀଗୋପାଳଙ୍କ ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମଲାଭ କଲେ । ପ୍ରଭୁ ସାକ୍ଷୀଗୋପାଳ ନିତ୍ୟ ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଲକ୍ଷ୍ମୀ ସହ ଲକ୍ଷ୍ମୀଙ୍କ ବାସଭବନରେ ମିଳିତ ହୁଅନ୍ତି । ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀ ସହ କେଳି କରନ୍ତି । ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ରପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ପଲଙ୍କରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋର କହି ନାନା ନିର୍ଯାତନା ଦେଲେ । ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ର ନିରୁପାୟ ହୋଇ ସାକ୍ଷୀଗୋପାଳଙ୍କର ଶରଣ ପଶିଲେ ।

ଭକ୍ତବତ୍ସଳ ଭଗବାନ ରାଜାଙ୍କୁ ସ୍ୱପ୍ନରେ କହିଲେ,''ବଡ଼ପଣ୍ଡା ନିର୍ଦ୍ଦୋଷ ମୋ ପ୍ରାଣପ୍ରିୟା ରାଧା ତାଙ୍କ ଘରେ ଲକ୍ଷ୍ମୀ ରୂପରେ ଜନ୍ମଲାଭ କରିଛନ୍ତି । ତୁ ଯଥାଶୀଘ୍ର ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ନିର୍ମାଣ କରାଇ ମୋ ପାଖରେ ପ୍ରତିଷ୍ଠା କର ।'' ପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ ରାଜା ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତିଟି ନିର୍ମାଣ ଆରମ୍ଭ ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତିର ଜୀବନ୍ୟାସ ଦିଆହେବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କରିଥିଲେ । ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛାନୁଯାୟୀ ତାଙ୍କର ପ୍ରିୟା ଲକ୍ଷ୍ମୀଙ୍କ ମର ଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । କିମ୍ବଦନ୍ତୀକୁ ସ୍ମରଣ ରଖିବାପାଇଁ ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ସମାଧି ସ୍ଥଳରେ ଏକ ମହାବୀର ମନ୍ଦିର ପ୍ରତିଷ୍ଠା କରାଗଲା । ଲକ୍ଷ୍ମୀଙ୍କୁ ରାଧିକା ରୂପେ ପାଇ ଶ୍ରୀସାକ୍ଷୀଗୋପାଳଙ୍କ ଦୀର୍ଘ ଦିନର ମନସ୍କାମନା ପୂର୍ଣ୍ଣ ହେଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ଦେବୀ ଶ୍ରୀରାଧାଙ୍କ ପିନ୍ଧା ଶାଢ଼ୀ ଦ୍ୱାରା ତାଙ୍କର ପାଦପଦ୍ମ ବର୍ଷସାରା ଘୋଡ଼ାଇ ହୋଇ ରହିଲା । ସେବକ ବିଚାର କଲେ ଠାକୁରାଣୀ ଆମ କଳିଙ୍ଗରେ ଆସି ସତ୍ୟବାଦୀରେ ରହିଲେ କିନ୍ତୁ ଦିନେ ହେଲେ ଓଡ଼ିଆଣୀ ବେଶ ହେଲେ ନାହିଁ । ପରିଶେଷରେ ସ୍ଥିର ହେଲା ରାଧା ରୂପେ ପୂଜା ପାଉଥିବା ଲକ୍ଷ୍ମୀଙ୍କ ଜନ୍ମଦିନ କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ ଓଡ଼ିଆଣୀ ବେଶ ଅନୁଷ୍ଠିତ ହେବ । ଏହି ଦିନ ଠାକୁରାଣୀ କାଣିଆ କଛା ମାରନ୍ତି ଏବଂ ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ ।

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com

ନୟାଗଡ଼ର ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ବିକଳ ଚିତ୍ର

ନୟାଗଡ (ସନ୍ତୋଷ କୁମାର ସାହୁ): ନୟାଗଡ ବସ ଷ୍ଟାଣ୍ଡକୁ ଦେଖିଲେ ବହୁତ ଦୁଃଖ ଲାଗେ । କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ହେଇଥିବା ବସଷ୍ଟାଣ୍ଡ ସେବାରେ ଲାଗୁ ନାହିଁ। ଏବେ ବି ଯାତ୍ରୀ ମାନଙ୍କୁ ଖରା ବର୍ଷା ଶୀତରେ ରାସ୍ତା କଡରେ ଛିଡା ହେଇ ବସକୁ ଅପେକ୍ଷା କରିବାକୁ ପଡୁଛି । ସହର ମଧ୍ୟରେ ଯାତ୍ରୀବାହୀ ବସ ରହିବା ଫଳରେ ଟ୍ରାଫିକ ସମସ୍ୟା ବି ସୃଷ୍ଟି ହେଉଛି । ଯାତ୍ରୀ ତଥା ବସ କର୍ମଚାରୀଙ୍କୁ ଝାଡା ପରିସ୍ରା ଲାଗିଲେ କଣ କରିବାକୁ ପଡୁଥିବ ଅନୁଭବୀ ମାନେ ସେ କଥା ଭଲ ଭାବରେ ଜାଣି ପାରୁଥିବେ। ଦୁଃଖର କଥା କୋଟି କୋଟି ଟଙ୍କାରେ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମିତ ହେଇଥିଲେ ମଧ୍ୟ ବହୁ ବର୍ଷ ଧରି ଏହା ସେବାରେ ଲାଗୁ ନାହିଁ । ପ୍ରଶାସନିକ ଅଧିକାରୀ ତଥା ସ୍ଥାନୀୟ ନେତୃମଣ୍ଡଳୀ ରାଜ୍ୟ ତଥା ରାଜ୍ୟ ବାହାରର ବସଷ୍ଟାଣ୍ଡ ସ୍ଥିତି ଦେଖି ସେଠାରୁ କିଛି ଶିଖି ନୟାଗଡରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଏହି ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେଲେ ଯାତ୍ରୀ ମାନେ ଏଠାରୁ ରାଜ୍ୟର କୋଣ ଅନୁକୋଣ ସାଙ୍ଗକୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ କୁ ଯାତାୟାତର ସୁବିଧା ପାଇଁ ପାରନ୍ତେ । ପରିବହନ ସେବାରେ ଅତ୍ୟନ୍ତ ପଛୁଆ ଥିବା ନୟାଗଡ ଜିଲ୍ଲାକୁ ରାଜ୍ୟ ପରିବହନ ନିଗମ ତରଫରୁ କିଛି ଅତିରିକ୍ତ ବସ ଯୋଗାଇ ଦିଆଯିବା ଉଚିତ । ପଶ୍ଚିମ ଏବଂ ଦକ୍ଷିଣ



ଓଡିଶା ସହ ନୟାଗଡ ସହରରୁ ଯୋଗାଯୋଗର ନିୟମିତ ସୁବିଧା ଥିଲେ ମଧ୍ୟ ଉତ୍ତର ଏବଂ ଉପକୂଳ ଓଡିଶା ସହ ସିଧା ସଳଖ ବସ ଚଳାଚଳ କରୁ ନାହିଁ । ନୟାଗଡ଼ରୁ ନିକଟସ୍ଥ ଜିଲ୍ଲା ସଦରମହକୁମା ଏବଂ ମୁଖ୍ୟ ସହର ଯଥା ବ୍ରହ୍ମପୁର, ଫୁଲବାଣୀ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, କୋଣାର୍କ, ପୁରୀ, ଭୁବନେଶ୍ୱର ଓ କଟକ କୁ ନିୟମିତ ବସ ଚଳାଚଳ ସୁବିଧା କରାଯାଇ ପାରିଲେ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ତଥା ବ୍ୟବସାୟ ରେ ଉନ୍ନତି ଆସିପାରନ୍ତା । ଯଦିଓ ରାତ୍ରିରେ ନୟାଗଡ ରୁ ଦଶପଲ୍ଲା ଓଡଗାଁ ରୁଟ ରେ ଅନେକ ବସ ଚଳାଚଳ କରୁଛି କିନ୍ତୁ ରାତିରେ ନୟାଗଡ଼ରୁ ଭୁବନେଶ୍ୱର ଦିଗରେ ବସ ନଥିବା ଫଳରେ ଯାତ୍ରୀମାନେ ଅନେକ ଅସୁବିଧାର ସାମନା କରୁଛନ୍ତି । ରାତିରେ ଭୁବନେଶ୍ୱର ଆଡକୁ ବସ ଚଳାଚଳ ହୋଇ ପାରିଲେ ବହୁତ ଭଲ ହୁଅନ୍ତା । ରାତି ୯ଟା ୧୦ଟା ପର୍ଯ୍ୟନ୍ତ ନୟାଗଡ଼ରୁ ଜିଲ୍ଲାର ଆଠଟି ବ୍ଲକ ସଦରମହକୁମାକୁ ଏବଂ ବ୍ଲକ ସଦରମହକୁମାରୁ ନୟାଗଡକୁ ଯୋଗାଯୋଗ ର ବ୍ୟବସ୍ଥା କରାଗଲେ ଜିଲ୍ଲାର ଛାତ୍ର ଛାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକ ମାନେ ବହୁତ ଉପକୃତ ହେଇ ପାରନ୍ତେ । ଜିଲ୍ଲାରେ ଚାଲୁଥିବା ଆମ ବସ ର ପ୍ରଦର୍ଶନ ମଧ୍ୟ ଆଶା ଜନକ ନୁହଁ । ସଠିକ ରୁଟ ନିରୁପରଣ କରାନଯିବା ଫଳରେ ଏବେ ବି ଅନେକ ଅଞ୍ଚଳ ନିଜ ବ୍ଲକ ସହ ଯୋଡି ହୋଇ ପାରୁନାହିଁ । ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଅନ୍ୟଥା ବୁଲି ବୁଲି ଯିବା ଫଳରେ ଅଯଥାରେ ଯାତ୍ରୀଙ୍କର ଘଣ୍ଟା ଘଣ୍ଟା ସମୟ ନଷ୍ଟ ହେଉଛି । ଆମ ବସ ର ସଠିକ ପରିଚାଳନା ହେଇ ପାରିଲେ ଯାତ୍ରୀ ମାନେ ଏହାର ସୁଫଳ ପାଇଁ ପାରନ୍ତେ ଏବଂ ସରକାରଙ୍କୁ ଭଲ ରାଜସ୍ୱ ମଧ୍ୟ ମିଳନ୍ତା । ଯୋଗାଯୋଗ ଏବଂ ପରିବହନର ବିକାଶ ନ ହେଇ ପାରିବା ଫଳରେ ନୟାଗଡ ଆଜି ବହୁତ ପଛରେ । ଜିଲ୍ଲା ପ୍ରଶାସନ ତଥା ଜନପ୍ରତିନିଧି ଏ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

ପ୍ରକୃତିର ଅପୂର୍ବ ଉପହାର ଅସୁରକୁମାରୀ

ସରକାରୀ ଅବହେଳାରେ ହଜୁଛି ପର୍ଯ୍ୟଟନର ସମ୍ଭାବନା

ରଣପୁର (ଭିଓଭି) : ପାହାଡ଼ର ନିରବତା, ଘଞ୍ଚ ଅରଣ୍ୟର ସବୁଜିମା, ଶିଳାଖଣ୍ଡ ଉପରେ ଝରିପଡୁଥିବା ଝରଣାର କଳକଳ ନାଦ ଏବଂ ଆଧ୍ୟାତ୍ମିକତାର ଅନନ୍ୟ ପରିବେଶ ଭିତରେ ଲୁଚି ରହିଛି ରଣପୁରର ଅସୁରକୁମାରୀ ପୀଠ। ପ୍ରକୃତି ଯେଉଁଠି ନିଜର ଅପରୂପ ସୌନ୍ଦର୍ଯ୍ୟକୁ ଅଜାଡ଼ି ଦେଇଛି, ସେଠାରେ ସମ୍ଭାବନାର ଅଭାବ ନାହିଁ। ତଥାପି ସରକାରୀ ସ୍ତରରେ ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ଆନୁଷ୍ଠାନିକ ମାନ୍ୟତା ମିଳିନଥିବାରୁ ଏହାର ଆଶାନୁରୂପ ବିକାଶ ଆଜି ବି ଅପୂର୍ଣ୍ଣ ହୋଇ ରହିଛି। ମୁଖ୍ୟ ରାସ୍ତାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ, ଘଞ୍ଚ ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ ଏହି ପୀଠ। ଏହାକୁ ଘେରି ରହିଥିବା ପାହାଡ଼, ବିସ୍ତୀର୍ଣ୍ଣ ପଥରଖଣ୍ଡ ଓ ବୃକ୍ଷଲତାର ସବୁଜ ଆବରଣ ପରିବେଶକୁ ଏକ ଭିନ୍ନ ଆକର୍ଷଣ ପ୍ରଦାନ କରେ।



ଅସୁରକୁମାରୀ ପୀଠର ନାମ ପଛରେ ମଧ୍ୟ ରହିଛି ଏକ ରୋଚକ କିମ୍ବଦନ୍ତୀ। ଲୋକକଥା ଅନୁସାରେ, ଏହି ଅରଣ୍ୟରେ ଏକ ଅସୁର ବାସ କରୁଥିଲା। ସେ ଯୁବତୀ ବା କୁମାରୀମାନଙ୍କୁ ଦେଖିଲେ ଆକ୍ରମଣ କରିବା ସହ ମାରି ଖାଇବାକୁ ଉଦ୍ୟତ ହେଉଥିଲା। ଦିନେ ଜଣେ କୁମାରୀ ତା'ର ଏହି ଅତ୍ୟାଚାରର ଅନ୍ତ ଘଟାଇ ଅସୁରକୁ ବଧ କରିଥିବାର ଲୋକବିଶ୍ୱାସ ରହିଛି। ସେହି କିମ୍ବଦନ୍ତୀକୁ ଆଧାର କରି ଏହି ପୀଠର ନାମ ଅସୁରକୁମାରୀ ହୋଇଥିବା କୁହାଯାଏ।

ଏହି ସ୍ଥାନର ଆଉ ଏକ ପ୍ରମୁଖ ଆକର୍ଷଣ ହେଉଛି ପାହାଡ଼ ଶିଖରରୁ ବହି ଆସୁଥିବା ଝରଣା। ପଥରର ଛାତି ଚିରି ଝରି ଆସୁଥିବା ଜଳଧାରା ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅଧିକ ମନୋରମ କରିଥାଏ। ଝରଣାର ଜଳରେ ସ୍ନାନ କଲେ ଚର୍ମ ଓ ଅନ୍ୟାନ୍ୟ ରୋଗରୁ ଉପଶମ ମିଳେ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ରହିଛି। ଏହି ବିଶ୍ୱାସ ଯୋଗୁଁ ଦୂରଦୂରାନ୍ତରୁ ମଧ୍ୟ ଅନେକ ଲୋକ ଏଠାକୁ ଆସିଥାନ୍ତି।

ବର୍ଷର ବିଭିନ୍ନ ସମୟରେ ଏଠାରେ ଲୋକଙ୍କ ସମାଗମ ହୋଇଥାଏ। ବଣଭୋଜି, ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ଓ ଆଧ୍ୟାତ୍ମିକ ଶାନ୍ତିର ସନ୍ଧାନରେ ପର୍ଯ୍ୟଟକମାନେ ଏହି ପୀଠକୁ ଆସନ୍ତି। ବିବାହ, ବ୍ରତ ଓ ଅନ୍ୟାନ୍ୟ ଶୁଭକାର୍ଯ୍ୟ ସମ୍ପାଦନ ପାଇଁ ମଧ୍ୟ ଏହି ସ୍ଥାନରେ ଲୋକଙ୍କ ଭିଡ଼ ଜମିଥାଏ। ଏପରିକି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏଠାକୁ ଭ୍ରମଣରେ ଆସିଥାନ୍ତି।

କିନ୍ତୁ ଏତେସବୁ ପ୍ରାକୃତିକ ଓ ଆଧ୍ୟାତ୍ମିକ ବିଶେଷତ୍ୱ ସତ୍ତ୍ୱେ ଅସୁରକୁମାରୀ ପୀଠ ଆଜି ମଧ୍ୟ ଉପେକ୍ଷାର ଶିକାର। ପର୍ଯ୍ୟଟନର ଏକ ସମ୍ଭାବନାମୟ କ୍ଷେତ୍ର ଭାବେ ଏହାର ପରିଚୟ ଥିଲେ ମଧ୍ୟ ଆବଶ୍ୟକୀୟ ସରକାରୀ ମାନ୍ୟତା ଓ ଯୋଜନାବଦ୍ଧ ବିକାଶର ଅଭାବ ଏହାର ଅଗ୍ରଗତିରେ ପ୍ରତିବନ୍ଧକ ସାଜିଛି।

ଏକ ପର୍ଯ୍ୟଟନସ୍ଥଳୀର ବିକାଶ କେବଳ ତାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପରେ ନିର୍ଭର କରେନାହିଁ; ଏଥିପାଇଁ ଆବଶ୍ୟକ ସୁଚିନ୍ତିତ ଯୋଜନା, ଉପଯୁକ୍ତ ପରିଚାଳନା ଓ ମୌଳିକ ସୁବିଧାସୁଯୋଗ। ଅସୁରକୁମାରୀ ପୀଠରେ ଏହି ସମ୍ଭାବନାକୁ ସାକାର କରିବାର ଯଥେଷ୍ଟ ଅବକାଶ ରହିଛି। ପ୍ରକୃତିର ଏହି ଅମୂଲ୍ୟ ସମ୍ପଦକୁ ସୁରକ୍ଷିତ ରଖି ଏହାର ଉନ୍ନତି କରାଗଲେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନକ୍ଷେତ୍ରରେ ପରିଣତ ହୋଇପାରିବ।

ପ୍ରକୃତି ନିଜ ହାତରେ ଯେଉଁ ସୌନ୍ଦର୍ଯ୍ୟର ଚିତ୍ର ଆଙ୍କିଛି, ତାହାକୁ ଲୋକଲୋଚନକୁ ଆଣିବା ଓ ତାହାର ମର୍ଯ୍ୟାଦା ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଅସୁରକୁମାରୀ ପୀଠର ଭାଗ୍ୟ ପରିବର୍ତ୍ତନ ପାଇଁ ଏବେ ଆବଶ୍ୟକ ସରକାରୀ ଦୃଷ୍ଟି ଓ ଦୃଢ଼ ପଦକ୍ଷେପ।



ରଣପୁର ଗ୍ରାମୀଣ ଜିଲ୍ଲା ପରିଷଦ ଜୋନ୍‌ରେ ନିର୍ବାଚନୀ ଅଙ୍କକଷା

ରାସ୍ତାଘାଟର ଦୁରବସ୍ଥା ଓ ଅବହେଳିତ ପର୍ଯ୍ୟଟନସ୍ଥଳୀର ବିକାଶ ହେବ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ

ନୟାଗଡ଼ ଜିଲ୍ଲା ପରିଷଦର ୨୧ ନମ୍ବର ଜୋନ୍‌କୁ ରଣପୁର ଗ୍ରାମୀଣ ଜିଲ୍ଲା ପରିଷଦ ଜୋନ୍ ଭାବେ ପରିଚିତ। ଏହି ଜୋନ୍‌ଟି ଡମସାହି, ରଙ୍କଦେଉଳି, ଖଡିଆ, ଦର୍ପନାରାୟଣପୁର, ବାଉଁଶଗଡ଼, ବଜ୍ରକୋଟ, ଗୌରାଙ୍ଗପୁର, ପିମ୍ପଳ ଓ ବ୍ରଜରାଜପୁର ଆଦି ନଅଟି ପଞ୍ଚାୟତକୁ ନେଇ ଗଠିତ। ପୂର୍ବରୁ ଏହା ରଣପୁର ସହ ଯୋଡ଼ି ହୋଇ ରହିଥିବା ବେଳେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇବା ପରେ ଏହା ରଣପୁର ଗ୍ରାମୀଣ ଜିଲ୍ଲା ପରିଷଦ ଜୋନ୍ ଭାବେ ପରିଚିତ ହୋଇଛି। ଗତ ୨୦୨୨ ମସିହା ନିର୍ବାଚନରେ ମହିଳା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ଏହି ଆସନରୁ ବିଜୁ ଜନତା ଦଳର ପ୍ରାର୍ଥିନୀ ରଜନୀରାଣୀ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ପ୍ରାର୍ଥିନୀ ସସ୍ମିତା ସ୍ୱାଇଁଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଇଚ୍ଛାପୁର ଗ୍ରାମର ଅନିଲ କୁମାର ପରିଡ଼ାଙ୍କ ପତ୍ନୀ ସରୋଜିନୀ ପରିଡ଼ା ପ୍ରାର୍ଥୀ ହୋଇଥିଲେ। ଗତ ନିର୍ବାଚନର ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୭ ନିର୍ବାଚନରେ ମଧ୍ୟ ଏଠାରେ ବିଜେଡି ଓ ବିଜେପି ମଧ୍ୟରେ ମୁଖ୍ୟତଃ କଡ଼ା ମୁକାବିଲା ହେବାର ଆକଳନ କରାଯାଉଛି। ତେବେ କଂଗ୍ରେସ ମଧ୍ୟ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିବା ସହ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରେ।



ପ୍ରଥମେ ଆସିବା କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ଚୟନ ପ୍ରସଙ୍ଗକୁ। ୨୦୨୨ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ସରୋଜିନୀ ପରିଡ଼ାଙ୍କ ସ୍ୱାମୀ ଅନିଲ କୁମାର ପରିଡ଼ା ବର୍ତ୍ତମାନ ଏହି ଜୋନ୍‌ର ଦଳୀୟ ସଭାପତି ଅଛନ୍ତି। ତେଣୁ ଆଗାମୀ ନିର୍ବାଚନ ପାଇଁ ତାଙ୍କ ନାମ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାର ଶୀର୍ଷରେ ରହିଛି। ଗତ ନିର୍ବାଚନରେ ସରୋଜିନୀ ମାତ୍ର ୯୫୦ ଖଣ୍ଡ ଭୋଟ୍ ପାଇଥିଲେ ମଧ୍ୟ ବର୍ତ୍ତମାନ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇଥିବାରୁ ଅନିଲ ନିଜ ବିଜୟ ନେଇ ଆଶାବାଦୀ ଥିବା ଚର୍ଚ୍ଚା ହେଉଛି। ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଦ୍ୱିତୀୟ ନାମ ହେଉଛି ଲୋଧାଚୁଆ ପଞ୍ଚାୟତ ଅନ୍ତର୍ଗତ ପାଟବେରଣା ଗ୍ରାମର ସୁଷମା ପ୍ରଧାନଙ୍କର। ୨୦୦୭ ମସିହାରେ ଲୋଧାଚୁଆ ଗ୍ରାମ ପଞ୍ଚାୟତରୁ ନିର୍ବାଚନ ଜିତିବାର ଅଭିଜ୍ଞତା ତାଙ୍କର ରହିଛି। ତେବେ ବିଧାୟକ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର ବର୍ତ୍ତମାନ ଦଳର ନେତୃତ୍ୱ ନେଉଥିବାରୁ ପ୍ରାର୍ଥୀ ଚୟନ ତାଙ୍କ ନିଷ୍ପତ୍ତି ଉପରେ ଅନେକାଂଶରେ ନିର୍ଭର କରିବ ବୋଲି କଂଗ୍ରେସ କର୍ମୀ ମହଲରେ ମତପ୍ରକାଶ ପାଉଛି।

ବିଜୁ ଜନତା ଦଳରେ ଏହି ଜୋନ୍‌ରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ବେଶ୍ ଲମ୍ବା। ବର୍ତ୍ତମାନର ଜିଲ୍ଲା ପରିଷଦ ସଭ୍ୟା ରଜନୀରାଣୀ ପଟ୍ଟନାୟକଙ୍କ ସ୍ୱାମୀ କିଶୋର ପଟ୍ଟନାୟକ ଜଣେ ପୁରୁଣା ଓ ଅଭିଜ୍ଞ ରାଜନେତା। ଅଞ୍ଚଳରେ ତାଙ୍କର ଭଲ ଜନସମ୍ପର୍କ ରହିଛି। ସରଳ, ବିନମ୍ର ଓ ସାଧାରଣ ଲୋକଙ୍କ ସହ ସହଜରେ ମିଶିପାରୁଥିବା କିଶୋର ପଟ୍ଟନାୟକ ପୁନର୍ବାର ଏହି ଜୋନ୍‌ରୁ ପ୍ରାର୍ଥୀ ହେବାକୁ ଇଚ୍ଛୁକ ଥିବା ଜଣାପଡ଼ିଛି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ବ୍ରଜରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିବରାମ ସାମନ୍ତରାୟ, ଗୌରାଙ୍ଗପୁର ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ ପ୍ରଭାତ କୁମାର ପ୍ରଧାନ ଏବଂ ଗତ ନିର୍ବାଚନରେ ଗୋପାଳପୁର ଜୋନ୍‌ରୁ ଦଳୀୟ ପ୍ରାର୍ଥୀ ହୋଇଥିବା ନର୍ମଦା ରାୟଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏମାନେ ଦଳୀୟ ଟିକେଟ୍ ପାଇଁ ନିଜ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ସବୁ ଅଙ୍କକଷା ମଧ୍ୟରେ ବର୍ତ୍ତମାନ ଜିଲ୍ଲା ପରିଷଦ ସଭାପତି ଥିବା ଦେବାଶିଷ ପଟ୍ଟନାୟକ ଓରଫ୍ କାଳୁଙ୍କ ନାମକୁ ନେଇ ସର୍ବାଧିକ ଚର୍ଚ୍ଚା ହେଉଛି। ଗତ ନିର୍ବାଚନରେ ସେ ରାଜସୁନାଖଳା ଜୋନ୍‌ରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ତାଙ୍କ ନିଜ ପଞ୍ଚାୟତ ବ୍ରଜରାଜପୁର ରଣପୁର ଗ୍ରାମୀଣ ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ହୋଇଥିବାରୁ ଏହି ଆସନ ଉପରେ ତାଙ୍କର ନଜର ଥିବା ଆଲୋଚନା ହେଉଛି। ପୂର୍ବରୁ ସେ ନିଜ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହେବା ସହ ରଣପୁର ବ୍ଲକ୍ ଅଧ୍ୟକ୍ଷ ପଦବୀ ମଧ୍ୟ ଅଳଙ୍କୃତ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଓ ପଞ୍ଚାୟତ ପ୍ରତିନିଧି ଭାବେ ତାଙ୍କର ଅନେକ ଗଠନମୂଳକ କାର୍ଯ୍ୟରେ ଅବଦାନ ରହିଥିବା କୁହାଯାଏ। ଏହି ପୂର୍ବ ଅଭିଜ୍ଞତା ଓ ରାଜନୈତିକ ସଫଳତାକୁ ଆଧାର କରି ସେ ଏହି ଆସନରୁ ପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି। ବିଶେଷ ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ହେଲେ ଦେବାଶିଷଙ୍କ ଡାକ୍ତର ପତ୍ନୀ ସରକାରୀ ଚାକିରି ଛାଡ଼ି ଏହି ଜୋନ୍‌ରୁ ନିର୍ବାଚନ ଲଢ଼ିବା ସହ ପୁନର୍ବାର ଜିଲ୍ଲା ପରିଷଦ ସଭାପତି ପଦବୀ ନିଜ ହାତରେ ରଖିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ରଣପୁର ବିଜେଡିରେ ଗୋଷ୍ଠୀକନ୍ଦଳ ରହିଥିବାରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ନିଷ୍ପତ୍ତି ମଧ୍ୟ ଗୁରୁତ୍ୱ ବହନ କରିବ।

ଶାସକ ବିଜେପିରେ ମଧ୍ୟ ଏହି ଜୋନ୍‌କୁ ନେଇ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ଚର୍ଚ୍ଚାର ବିଷୟ ହୋଇଛି। ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ନିଷ୍ପତ୍ତି ହିଁ ଏଠାରେ ଦଳୀୟ ପ୍ରାର୍ଥୀ ଚୟନରେ ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ବାଉଁଶଗଡ଼ ପଞ୍ଚାୟତର ବର୍ତ୍ତମାନର ସରପଞ୍ଚଙ୍କ ସ୍ୱାମୀ ଦିଲୀପ ଜେନା। ସେହିପରି ପୂର୍ବ ନିର୍ବାଚନରେ ପ୍ରାୟ ୩ ହଜାର ଭୋଟ୍ ପାଇ ପରାଜିତ ହୋଇଥିବା ଖଡିଆର ସସ୍ମିତା ସ୍ୱାଇଁ ମଧ୍ୟ ଟିକେଟ୍ ଆଶାୟୀ ଅଛନ୍ତି। ବିଜେପିର ରଣପୁର ଗ୍ରାମୀଣ ମଣ୍ଡଳ ସଭାପତି ତଥା ରଙ୍କଦେଉଳି ଗ୍ରାମର ସୁଶାନ୍ତ ବେହେରା ମଧ୍ୟ ଦଳୀୟ ଟିକେଟ୍ ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। ତେବେ ଶାରୀରିକ ଅସୁସ୍ଥତା କାରଣରୁ ଦଳ ତାଙ୍କ ନାମକୁ କେତେଦୂର ବିଚାରକୁ ନେବ, ତାହା ସମୟ ହିଁ କହିବ। ଏହାବ୍ୟତୀତ ବ୍ରଜରାଜପୁର ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲତା ପାତ୍ରଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଜାରି ରହିଛି। ନିକଟରେ ତାଙ୍କ ସ୍ୱାମୀ ଭଗବାନ ପାତ୍ରଙ୍କ ଅକାଳ ବିୟୋଗ ପରେ ଦଳମତ ନିର୍ବିଶେଷରେ ବହୁ ଲୋକ ତାଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ସହଯୋଗର ହାତ ବଢ଼ାଇଥିଲେ। ଏହି ପରିସ୍ଥିତିରେ ସହାନୁଭୂତି ଭୋଟ୍‌ର ସମ୍ଭାବନାକୁ ଦୃଷ୍ଟିରେ ରଖି ଦଳ ତାଙ୍କ ନାମକୁ ମଧ୍ୟ ବିଚାରକୁ ନେଇପାରେ ବୋଲି ଆଲୋଚନା ହେଉଛି। ତେବେ ବିଜେଡିର ଅଭିଜ୍ଞ ନେତା ଦେବାଶିଷ ପଟ୍ଟନାୟକଙ୍କ ଭଳି ବିଜେପି ପାଇଁ ଏହି ଜୋନ୍‌ରୁ ଆଉ ଜଣେ ଚର୍ଚ୍ଚିତ ନାମ ହେଉଛି ରଣପୁର ବ୍ଲକ୍ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା ଓରଫ୍ ନଣ୍ଡାଙ୍କର। ସଦ୍ୟ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା ପ୍ରଭାତଙ୍କ ନାମକୁ ନେଇ ଦଳୀୟ କର୍ମୀ ମହଲରେ ବେଶ୍ ଚର୍ଚ୍ଚା ଚାଲିଛି। ଖୁବ୍ କମ୍ ଦିନ ମଧ୍ୟରେ ନଣ୍ଡା ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟତର ହେବା ସହ ନିଜର ରାଜନୈତିକ ପ୍ରଭାବ ବିସ୍ତାର କରିଥିବା କୁହାଯାଉଛି। ପୂର୍ବ ଅଭିଜ୍ଞତା ଆଧାରରେ ଦଳ ପାଇଁ ପାଣ୍ଠି ସଂଗ୍ରହରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନରେ ପାଣ୍ଠିର ଆବଶ୍ୟକତା ଓ ପ୍ରଭାତଙ୍କ ପୂର୍ବ ରାଜନୈତିକ ଅଭିଜ୍ଞତାକୁ ବିଚାରକୁ ନେଲେ, ସୁରମା ପାଢ଼ୀ ଏହି ଜୋନ୍‌ରେ ତାଙ୍କ ନାମକୁ ଅଗ୍ରାଧିକାର ଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଅନ୍ୟପକ୍ଷରେ, ସାଂସଦ ସମ୍ବିତ ପାତ୍ର ଓ ବିଜେପି ଜିଲ୍ଲା ସଭାପତି ତାପସ ମାର୍ଥା ଯଦି ଏହି ଆସନରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ ଅଡ଼ି ବସନ୍ତି, ତେବେ ପୂର୍ବରୁ ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିଥିବା ରଣଜିତ ପଟ୍ଟନାୟକଙ୍କୁ ଦଳୀୟ ଟିକେଟ୍ ମିଳିବାର ସମ୍ଭାବନା ମଧ୍ୟ ରହିଛି।

ରାଜନୈତିକ ଅଙ୍କକଷା ଓ ପ୍ରାର୍ଥୀ ଚୟନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହି ଜୋନ୍‌ର ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ରାସ୍ତାଘାଟର ଦୁରବସ୍ଥା ଅନ୍ୟତମ। ବିଶେଷକରି ରଣପୁରଠାରୁ ଦର୍ପନାରାୟଣପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ଚାଲିଥିବା ଏହି ରାସ୍ତା ଏବେ ଯାତାୟାତ ପାଇଁ ଏକପ୍ରକାର ମରଣଯନ୍ତା ପାଲଟିଛି। ଏହି ଦୁର୍ବଳ ରାସ୍ତା ଯୋଗୁଁ ଅନେକ ଦୁର୍ଘଟଣା ଓ ଜୀବନହାନି ଘଟିଥିବା ଅଭିଯୋଗ ରହିଛି। ତେଣୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଏହାର ଦୋହରୀକରଣ କରିବା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି। ଏହା ସହିତ ମଣିନାଗ ପର୍ଯ୍ୟଟନସ୍ଥଳୀ ପରେ ରଣପୁର ଅଞ୍ଚଳର ଅନ୍ୟତମ ପୁରାତନ ଓ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଅସୁରକୁମାରୀ ମଧ୍ୟ ଏହି ଜୋନ୍ ଅନ୍ତର୍ଗତ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଧାର୍ମିକ ମହତ୍ତ୍ୱ ଥିବା ଏହି ସ୍ଥାନକୁ ଏଯାବତ୍ ଆଶାନୁରୂପ ବିକାଶର ସୁଯୋଗ ମିଳିନାହିଁ। ଏହାକୁ ପର୍ଯ୍ୟଟନସ୍ଥଳୀର ସ୍ୱତନ୍ତ୍ର ମାନ୍ୟତା ଦେବା ସହ ରାସ୍ତା, ଯୋଗାଯୋଗ ଓ ଆବଶ୍ୟକ ମୌଳିକ ସୁବିଧାର ବିକାଶ କରାଗଲେ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ସୁତରାଂ, ରଣପୁର ଗ୍ରାମୀଣ ଜିଲ୍ଲା ପରିଷଦର ୨୧ ନମ୍ବର ଜୋନ୍‌ରେ ଆଗାମୀ ନିର୍ବାଚନ କେବଳ ଦଳୀୟ ପ୍ରାର୍ଥୀଙ୍କ ଶକ୍ତି ପରୀକ୍ଷାରେ ସୀମିତ ରହିବ ନାହିଁ। ଅଞ୍ଚଳର ବିକାଶ, ରାସ୍ତାଘାଟର ସୁଧାର, ପର୍ଯ୍ୟଟନସ୍ଥଳୀର ଉନ୍ନତି ଏବଂ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହିଁ ଭୋଟରଙ୍କ ପାଇଁ ପ୍ରମୁଖ ବିଚାର୍ଯ୍ୟ ବିଷୟ ହେବ। କାଳୁ ଓ ନଣ୍ଡାଙ୍କ ରାଜନୈତିକ ଆକାଂକ୍ଷା ମଧ୍ୟରେ ଶେଷରେ କିଏ ଦଳୀୟ ଟିକେଟ୍ ହାତେଇବେ ଏବଂ ଜନସାଧାରଣଙ୍କ ଆସ୍ଥା ଜିତିବେ, ତାହା ଆଗାମୀ ଦିନର ରାଜନୈତିକ ପରିସ୍ଥିତି ହିଁ ସ୍ପଷ୍ଟ କରିବ।

ବିଲରେ ବୁଡ଼ିଲା ସୁନାର ଫସଲ

ବାଲେଶ୍ୱର (ଭିଓଭି) : ଚାଷୀର ଜୀବନ ଯେମିତି ମାଟି ସହ ବନ୍ଧା, ସେମିତି ତା'ର ସ୍ୱପ୍ନ ଓ ସଂଘର୍ଷ ମଧ୍ୟ ପାଣିପାଗର ମିଜାଜ ଉପରେ ନିର୍ଭରଶୀଳ। ମାସ ମାସ ଧରି ଝାଳ ବୁହାଇ, ଋଣ କରି ଓ ଅସୁମାରି ଆଶା ନେଇ ଯେଉଁ ଫସଲକୁ ସେ ଅମଳ ଅପେକ୍ଷାରେ ରଖିଥିଲା, ଠିକ୍ ସେହି ସମୟରେ ପ୍ରକୃତିର ବିପରୀତ ରୂପ ତା'ର ସବୁ ଆଶାକୁ ଦୋହଲାଇ ଦେଇଛି। ବାତ୍ୟା 'ଅକ୍ୱାନ'ର ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁଁ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ଅଞ୍ଚଳରେ ପାଚିଲା ଧାନ ବିଲ ଜଳମଗ୍ନ ହୋଇପଡ଼ିଛି। ଫଳରେ ଅମଳକୁ ନେଇ ଚାଷୀଙ୍କ ଆଖିରେ ଏବେ ଆନନ୍ଦ ବଦଳରେ ଚିନ୍ତାର ଛାୟା।

ଚଳିତ ବର୍ଷ ଆରମ୍ଭରୁ ପାଣିପାଗର ଅନିୟମିତତା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଆସିଛି। ଲଗାଣ ବର୍ଷା, ଲଘୁଚାପ ଓ ବନ୍ୟାର ପୁନରାବୃତ୍ତି ଚାଷକୁ ବାରମ୍ବାର କ୍ଷତିଗ୍ରସ୍ତ କରିଥିବା ବେଳେ ଅମଳ ସମୟରେ ବାତ୍ୟାର ପ୍ରଭାବ ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ସଦର ବ୍ଲକରେ ଚଳିତ ବର୍ଷ ପ୍ରାୟ ୨୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଜୁନ୍ ଓ ଜୁଲାଇ ମାସରେ ଲଗାତାର ଲଘୁଚାପଜନିତ ବର୍ଷା ସହ ପାଞ୍ଚ



ଥର ବନ୍ୟା ପରିସ୍ଥିତି ଚାଷୀଙ୍କ ମନରେ ଭୟ ସୃଷ୍ଟି କରିଥିଲା। ଏହାର ପ୍ରଭାବରେ ପ୍ରାୟ ୧୨ ହଜାର ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ବେଳେ ଅବଶିଷ୍ଟ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଚାଷୀ ଆଶାର ଦୀପ ଜାଳି ରଖିଥିଲେ। କିନ୍ତୁ ଅମଳର ଠିକ୍ ପୂର୍ବରୁ ପ୍ରକୃତିର ଆଉ ଏକ ପ୍ରକୋପ ସେହି ଆଶା ଉପରେ ପାଣି ଢାଳିଦେଇଛି। ଗତ ୧୯ ଓ ୨୦ ତାରିଖରେ ବାତ୍ୟାର ପ୍ରଭାବରେ ଦୁଇ ଦିନ ଧରି ଲଗାଣ ବର୍ଷା ସହ ପବନ ବହିଥିଲା। ଫଳରେ ଅନେକ ସ୍ଥାନରେ ଧାନଗଛ ମାଟିରେ ଶୋଇପଡ଼ିବା ସହ ବିଲରେ ପାଣି ଜମି ରହିଛି। ପାଚିଲା ଧାନ ଅମଳ ପାଇଁ ପ୍ରସ୍ତୁତ ଥିବା ବେଳେ ଏଭଳି ପରିସ୍ଥିତି ଫସଲର ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି।

ବିଶେଷକରି ରସାଳପୁର, ଶାସାଙ୍ଗ, ପଦ୍ମପୁର ସମେତ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ଧାନଜମି ଅଧିକ ପ୍ରଭାବିତ ହୋଇଛି। ଧାନ ବିଲରେ ପାଣି ଜମି ରହିଥିବାରୁ ଫସଲର ପ୍ରକୃତ କ୍ଷୟକ୍ଷତି ଆକଳନ କରିବା ଏବେ ସମ୍ଭବ ହୋଇପାରୁନାହିଁ। ସଦର କୃଷି ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ, ବାତ୍ୟାଜନିତ ବର୍ଷା ଓ ପବନରେ ପ୍ରାୟ ୭୫ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଏ ସମ୍ପର୍କିତ ରିପୋର୍ଟ ଜିଲ୍ଲା ଜରୁରିକାଳୀନ ବିଭାଗକୁ ପ୍ରଦାନ କରାଯାଇଛି।

ସଦର ବ୍ଲକ କୃଷି ଅଧିକାରୀ ଅଳକା

ଅମଳ ବେଳେ ବର୍ଷାର ବିପତ୍ତି

ସାହୁଙ୍କ ସୂଚନା ଅନୁଯାୟୀ, ଆଉ କିଛି ଦିନ ପରେ ପାଚିଲା ଧାନ ଅମଳ ହେବାର ଥିଲା। କିନ୍ତୁ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଧାନ ବିଲରେ ପାଣି ଜମି ରହିଛି। ଜମିରୁ ପାଣି ନିଷ୍କାସନ ହେବା ପରେ ହିଁ ଫସଲର ପ୍ରକୃତ କ୍ଷୟକ୍ଷତି ଆକଳନ କରିବା ସମ୍ଭବ ହେବ। ଧାନ ଅମଳ ହେଲେ ଧାରକରଜ ପରିଶୋଧ କରିବା ସହ ପରିବାରର ଗୁଜୁରାଣ ମେଣ୍ଟାଇବାର ଆଶା ରଖିଥିବା ଚାଷୀଙ୍କ ପାଇଁ ଏବେ ପ୍ରତିଟି ଦିନ ଚିନ୍ତା ଓ ଅପେକ୍ଷାରେ ବିତୁଛି। କାରଣ ତା' ପାଇଁ ଧାନ କେବଳ ଏକ ଫସଲ ନୁହେଁ, ଏହା ହେଉଛି ବର୍ଷକର ପରିଶ୍ରମ, ପରିବାରର ଆଶା ଓ ଆଗାମୀ ଦିନର ଆଧାର। ଏବେ ସେହି ସୁନାର ଫସଲ ପାଣି ଘେରରେ ଥିବାରୁ ଚାଷୀଙ୍କ ମନରେ ଭରସାଠାରୁ ଅଧିକ ଅନିଶ୍ଚିତତା ଘନୀଭୂତ ହୋଇଛି।

ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଜ୍ଞାନ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର (ଭିଓଭି) : ଚନ୍ଦ୍ରଶେଖରପୁର ସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସମ୍ପୂହର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଚନ୍ଦ୍ରଶେଖର ପତିଙ୍କ ଅମ୍ଲାନ ସ୍ମୃତି ଉଦ୍ଦେଶ୍ୟରେ ଏକ ବିଜ୍ଞାନ ମେଳା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟ ସମୂହର ଚେୟାରମ୍ୟାନ ଡକ୍ଟର ସୂର୍ଯ୍ୟ ପ୍ରକାଶ ପତି ପ୍ରଦୀପ ପ୍ରଜ୍ୱଳନ କରି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗଣେଶ ବନ୍ଦନା ପରିବେଶକୁ ମନ୍ତ୍ର ମୁଗ୍ଧ କରିଥିଲା । ଛାତ୍ରଛାତ୍ରୀମାନେ ନିଜ ନିଜର ଧୀଶକ୍ତି ବଳରେ ବିଜ୍ଞାନ, ସାହିତ୍ୟ, ଇଂରାଜୀ, ଗଣିତ, ସାମାଜିକ ବିଜ୍ଞାନ, ସଙ୍ଗୀତ ଓ ଶାରୀରିକ ବ୍ୟାୟାମ ଇତ୍ୟାଦି ବିଷୟର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନକୁ ସମୀକ୍ଷା ପୂର୍ବକ କରିବା ଆବଶ୍ୟକ ଓ ପ୍ରୟୋଗାତ୍ମକ ଉଦ୍ଭାବନରେ ବ୍ରତୀ ହୁଅନ୍ତୁ । ବିଜ୍ଞାନର ପ୍ରୟୋଗ ମାନବର ଅସ୍ଥିମଜ୍ଜାଗତ ହୋଇଯାଇଛି । ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନ ଜନିତ ଉଦ୍ଭାବନ, ଆବିଷ୍କାର ଓ ପ୍ରଯୁକ୍ତି ବିଦ୍ୟାର ନୂତନ କ୍ଷେତ୍ରକୁ ନେଇ ସମାଜ ଆଗକୁ ବଢ଼ିଥାଏ । ବିଜ୍ଞାନ, ସାହିତ୍ୟ ଓ ପରିବେଶ ଛାତ୍ରଛାତ୍ରୀମାନଙ୍କ ଭିତରେ ନୂତନ ଉଦ୍ଦୀପନା ସୃଷ୍ଟି କରିଥାଏ ବୋଲି ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ଉଦୟ ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ମାନ ପଦର୍ଶିତ କରିଥିଲେ । ଏହି ପ୍ରଦର୍ଶନୀକୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷମାନେ ରହି ପରିଚାଳନା କରିବା ସହିତ, ଏହାକୁ ସରସ, ସୁନ୍ଦର, ଶୃଙ୍ଖଳିତ କରିବାରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ କୋ-ଅଡିନେଟର୍ ଶ୍ରୀମତୀ କଳ୍ପନା ସାହୁ, ଶ୍ରୀମତୀ ମିନତି କୁମାରୀ ରଥ, ଶ୍ରୀଯୁକ୍ତ ସଞ୍ଜ ସମୀର ମହାପାତ୍ର, ଶ୍ରୀମତୀ ବିନିତା ଦାସ, ଶ୍ରୀଯୁକ୍ତ ଶ୍ରୀମନ୍ତ ବାରିକ, ଶ୍ରୀମତୀ ଗିରିଜା ମେହେର, ଶ୍ରୀମତୀ ସ୍ୱାତୀ ମିଶ୍ର, ଶ୍ରୀମତୀ ଅନୁପମା ହୋତା, ପ୍ରଲୀପ୍ତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜାତୀୟ ମଞ୍ଚ ଅଭିମୁଖେ ଚୈତନ୍ୟା

ବଲାଙ୍ଗିର (ଭିଓଭି) : ପ୍ରତିଭାର ଆଲୋକ କେବେ ବି ସ୍ଥାନର ସୀମାରେ ବନ୍ଧା ହୋଇ ରହେନାହିଁ। ନିଷ୍ଠା, ଆତ୍ମବିଶ୍ୱାସ ଓ ସ୍ୱପ୍ନକୁ ସାକାର କରିବାର ଦୃଢ଼ ଇଚ୍ଛାଶକ୍ତି ଥିଲେ ଏକ ଛୋଟିଆ ଗାଁରୁ ମଧ୍ୟ ଜାତୀୟ ଦିଗନ୍ତରେ ନିଜ ପରିଚୟ ସୃଷ୍ଟି କରିହୁଏ। ଏହାର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛନ୍ତି ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକ ଅନ୍ତର୍ଗତ ଦେବଙ୍ଗ ଗ୍ରାମର ଝିଅ ଚୈତନ୍ୟା କୃଷ୍ଣା।

ନିଜର ପ୍ରତିଭା ଓ ଆତ୍ମବିଶ୍ୱାସ ବଳରେ ଚୈତନ୍ୟା ଜାତୀୟସ୍ତରୀୟ 'ଜୁନିଅର ମିସ୍ ଇଣ୍ଡିଆ' ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ସଫଳତା କେବଳ ପରିବାର ପାଇଁ ନୁହେଁ, ସମଗ୍ର ମୁରିବାହାଲ ଅଞ୍ଚଳ ସମେତ ବଲାଙ୍ଗିର ଜିଲ୍ଲା

'ଜୁନିଅର ମିସ୍ ଇଣ୍ଡିଆ'ର ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ, ବଲାଙ୍ଗିର ମାଟି ପାଇଁ ଆଣିଲେ ଗୌରବ

ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ଦେବଙ୍ଗ ଗ୍ରାମର ଡାକ୍ତର ଗୋପାଳକୃଷ୍ଣ ଦୀପ ଓ ଜାନକୀ ଦୀପଙ୍କ ସୁକନ୍ୟା ଚୈତନ୍ୟା ନିଜର ଏହି ଉପଲବ୍ଧି ମାଧ୍ୟମରେ ପ୍ରମାଣ କରିଛନ୍ତି ଯେ, ସ୍ୱପ୍ନ ଯଦି ଦୃଢ଼ ହୁଏ ଓ ପ୍ରୟାସ ଯଦି ନିରନ୍ତର ରହେ, ତେବେ ସଫଳତାର ଦ୍ୱାର ନିଶ୍ଚୟ ଉନ୍ମୁକ୍ତ ହୁଏ। ଗତ ନଭେମ୍ବର ୧ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଚୈତନ୍ୟା ଚୂଡ଼ାନ୍ତ ତାଲିକାରେ ନିଜ ପାଇଁ ସ୍ଥାନ ସୁନିଶ୍ଚିତ କରିଥିଲେ। ଏବେ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ଜାତୀୟ ମଞ୍ଚରେ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିବା। ଆସନ୍ତା ଜାନୁଆରୀ ୭, ୮ ଓ ୯ ତାରିଖରେ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିବେ। ଚୈତନ୍ୟାଙ୍କ ଏହି ସଫଳତା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଏକ ଗ୍ରାମରୁ ଜାତୀୟସ୍ତର ଯାଏଁ ତାଙ୍କର ଏହି ଯାତ୍ରା ଅନେକ ନୂଆ ସ୍ୱପ୍ନ ଦେଖୁଥିବା ଯୁବପ୍ରତିଭାଙ୍କ ପାଇଁ ନିଶ୍ଚୟ ଏକ ପ୍ରେରଣାର ଉତ୍ସ ହୋଇ ରହିବ।



ମହତାବଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର (ଭିଓଭି) : ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଭାଗୃହ ରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତାଭାବେ କବି ପ୍ରଶାନ୍ତ ଦାସ ଯୋଗ ଦେଇ ଓଡ଼ିଶା ଗଠନରେ ମହାତାବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ । ଡଃ ମହତାବ ଏକାଧାରରେ ଜଣେ ସମାଜସେବୀ, ମୁଖ୍ୟମନ୍ତ୍ରୀ, ସମାଜ ସଂସ୍କାରକ ଥିଲେ । ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଡଃ ମହତାବଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

ଜେନାପୁର (ଭିଓଭି) : ଜଳ ହିଁ ଜୀବନର ଆଧାର। ମଣିଷର ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ସଭ୍ୟତାର ବିକାଶ ପର୍ଯ୍ୟନ୍ତ ସବୁଠି ଜଳର ଭୂମିକା ଅପରିହାର୍ଯ୍ୟ। କିନ୍ତୁ ଯେଉଁଠି ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଛି, ସେଠାରେ ମଧ୍ୟ ଯଦି ଲୋକଙ୍କୁ ପାନୀୟ ଜଳ ମିଳୁନାହିଁ, ତେବେ ବିକାଶର ଚିତ୍ର ନିଶ୍ଚିତ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରେ। କେନ୍ଦୁଝର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣକୁ ନେଇ ଏବେ ଏଭଳି ଏକ ସମସ୍ୟା ଦେଖାଦେଇଛି। ଅନେକ ସ୍ଥାନରେ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଲୋକଙ୍କ ଶୋଷ ମେଣ୍ଟାଇବାରେ ତାହା ସଫଳ ହୋଇପାରୁନାହିଁ। ସହରର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଟାଙ୍କି ଓ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଅନେକ ପ୍ରକଳ୍ପ ଅଚଳ ଯୋଗୁ ସେଗୁଡ଼ିକର ଉଦ୍ଦେଶ୍ୟ ଏବେ ଅଧୁରା ରହିଯାଇଛି। ପାନୀୟ ଜଳ ଏକ ମୌଳିକ ଆବଶ୍ୟକତା, କୌଣସି ବିଳାସ ନୁହେଁ। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ନିର୍ମିତ ଜଳ ପ୍ରକଳ୍ପଗୁଡ଼ିକ ପୁନର୍ବାର କାର୍ଯ୍ୟକ୍ଷମ ହେଲେ ହିଁ ଲୋକଙ୍କ ଦୀର୍ଘଦିନର ଜଳକଷ୍ଟ ଦୂର ହୋଇପାରିବ। ନଚେତ୍ ବିକାଶର ପ୍ରତୀକ ଭାବେ ଠିଆ ହୋଇଥିବା ଜଳ ଟାଙ୍କିଗୁଡ଼ିକ ଲୋକଙ୍କ ଶୋଷ ମେଣ୍ଟାଇବାରେ ଅସମର୍ଥ ହୋଇ ରହିଯିବେ।



ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (NCLT) ଏହାର କାର୍ଯ୍ୟ ପରିସର ଓ କାର୍ଯ୍ୟାବଳୀ



ଦୀପକ କୁମାର ମହାନ୍ତି

ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (National Company Law Tribunal – NCLT) ହେଉଛି ଭାରତର ଏକ ସ୍ୱତନ୍ତ୍ର ଅର୍ଦ୍ଧ-ନ୍ୟାୟିକ ସଂସ୍ଥା (Specialised Quasi-Judicial Forum), ଯାହା କମ୍ପାନୀ ଆଇନ ସମ୍ବନ୍ଧୀୟ ବିବାଦ ଏବଂ ଦେବାଳିଆ ଓ ଅସମର୍ଥତା (Insolvency and Bankruptcy) ସମ୍ବନ୍ଧୀୟ ମାମଲାର ବିଚାର କରିଥାଏ। ଏହା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୦୮ ଅନୁଯାୟୀ ଗଠିତ ହୋଇଥିଲା ଏବଂ ୧ ଜୁନ୍ ୨୦୧୬ଠାରୁ କାର୍ଯ୍ୟ ଆରମ୍ଭ କରିଥିଲା। ପୂର୍ବରୁ ଏହି କ୍ଷମତା ବିଭିନ୍ନ ସଂସ୍ଥା ଓ ନ୍ୟାୟିକ ମଞ୍ଚ ମଧ୍ୟରେ ବିଭକ୍ତ ହୋଇ ରହିଥିଲା। ଯଥା, Company Law Board (CLB), High Court, BIFR ଇତ୍ୟାଦି। ୧୯୯୯ ମସିହାରେ ଭାରତ ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଭି. ବାଲାକୃଷ୍ଣ ଏରାଡିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହା ଜଷ୍ଟିସ୍ ଏରାଡି କମିଟି ଭାବେ ଖ୍ୟାତ। ଆନୁଷ୍ଠାନିକ ଭାବରେ ଏହା କମ୍ପାନୀଗୁଡ଼ିକର ଦେବାଳିଆ ଏବଂ ପରିସମାପ୍ତି ସମ୍ବନ୍ଧୀୟ ଆଇନ ଉପରେ ଉଚ୍ଚସ୍ତରୀୟ କମିଟି ଭାବେ ଜଣାଶୁଣା। ଏହି କମିଟିର ସୁପାରିସ ଅନୁଯାୟୀ, କମ୍ପାନୀ ଆଇନ ଓ କର୍ପୋରେଟ୍ ବିବାଦ ସମ୍ବନ୍ଧୀୟ ବିଭିନ୍ନ ନ୍ୟାୟିକ କ୍ଷମତାକୁ ଗୋଟିଏ ସ୍ୱତନ୍ତ୍ର ନ୍ୟାୟିକ ମଞ୍ଚ ଅଧୀନରେ ଏକତ୍ରିତ କରିବାର ଉଦ୍ଦେଶ୍ୟ ରଖାଯାଇଥିଲା। ଏହା ଦ୍ୱାରା କର୍ପୋରେଟ୍ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକକ ୱିଣ୍ଡୋ ବ୍ୟବସ୍ଥାର ପରିକଳ୍ପନା ସାକାର ହୋଇଥିଲା। ୨ ଜୁନ୍ ୨୦୧୬ରେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (NCLT) ଏବଂ ଜାତୀୟ କମ୍ପାନୀ ଆଇନ ଆପିଲେଟ୍ ଟ୍ରିବ୍ୟୁନାଲ (NCLAT) ପ୍ରତିଷ୍ଠା କରାଯାଇଥିଲା। ପୂର୍ବରୁ ଏହି ସମସ୍ତ କ୍ଷମତା ନିମ୍ନରେ ବର୍ଣ୍ଣିତ ବିଭିନ୍ନ ସଂସ୍ଥା ଓ ନ୍ୟାୟିକ ମଞ୍ଚ ଦ୍ୱାରା ପ୍ରୟୋଗ କରାଯାଉଥିଲା।

- Company Law Board (CLB)
- Board for Industrial and Financial Reconstruction (BIFR)
- Appellate Authority for Industrial and Financial Reconstruction (AAIFR)
- ହାଇକୋର୍ଟର କେତେକ କମ୍ପାନୀ ଆଇନ ସମ୍ବନ୍ଧୀୟ ଅଧିକାର କ୍ଷେତ୍ର।

ଏହି ସମସ୍ତ କ୍ଷମତାକୁ ଗୋଟିଏ ମଞ୍ଚରେ ଏକତ୍ରିତ କରିବା ଦ୍ୱାରା ଏକାଧିକ ସ୍ଥାନରେ ମାମଲା ଦାଖଲ କରିବାର ଆବଶ୍ୟକତା ହ୍ରାସ ପାଇବା ସହିତ କର୍ପୋରେଟ୍ ବିବାଦର ତ୍ୱରିତ ନିଷ୍ପତ୍ତି ସମ୍ଭବ ହୋଇପାରିଲା। ଭାରତରେ ବର୍ତ୍ତମାନ ପ୍ରଧାନ ବେଞ୍ଚ (Principal Bench) ନୂଆଦିଲ୍ଲୀଠାରେ ଅବସ୍ଥିତ। ଏହା ସହିତ ୧୫ଟି ଆଞ୍ଚଳିକ ବେଞ୍ଚ (Regional Benches) ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛି। ଏଥିମଧ୍ୟରେ କଟକ ବେଞ୍ଚ ମଧ୍ୟ ଅନ୍ତର୍ଭୁକ୍ତ। କଟକ ବେଞ୍ଚ ଓଡ଼ିଶା ଏବଂ ଛତିଶଗଡ଼ର ମାମଲାଗୁଡ଼ିକର ବିଚାର କରିଥାଏ। ପ୍ରତ୍ୟେକ ବେଞ୍ଚରେ ସାଧାରଣତଃ ଦୁଇଜଣ ସଦସ୍ୟ ରହିଥାନ୍ତି। ସେମାନେ ହେଲେ।

୧. ବିଚାର ବିଭାଗୀୟ ସଦସ୍ୟ (Judicial Member)।

୨. ବୈଷୟିକ ସଦସ୍ୟ (Technical Member)।

NCLTର ମୁଖ୍ୟ କାର୍ଯ୍ୟ ହେଉଛି କମ୍ପାନୀ ସମ୍ବନ୍ଧୀୟ ବିଭିନ୍ନ ବିବାଦର ବିଚାର କରିବା। ଏଥିରେ ଅଂଶଧନ (Shares) ହସ୍ତାନ୍ତର, ସଦସ୍ୟମାନଙ୍କ ରେଜିଷ୍ଟରରେ ସଂଶୋଧନ, ଶେୟାର ପୁଞ୍ଜି ହ୍ରାସ, ଜନସାଧାରଣଙ୍କଠାରୁ ଜମା ସଂଗ୍ରହ, ସଭା ଆହ୍ୱାନ, କମ୍ପାନୀ ନିର୍ଦ୍ଦେଶକଙ୍କ ଅଯୋଗ୍ୟତା ଏବଂ ଅଂଶୀଦାରମାନଙ୍କ ଅଭିଯୋଗ ଆଦି ଅନ୍ତର୍ଭୁକ୍ତ। ଏହାଛଡ଼ା, କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣା ବ୍ୟବସ୍ଥା, ମିଶ୍ରଣ (Merger), ସମାହାର (Amalgamation), ପୁନର୍ଗଠନ (Reconstruction) ଏବଂ ଅନ୍ୟାନ୍ୟ କର୍ପୋରେଟ୍ ପୁନର୍ବିନ୍ୟାସ ସମ୍ବନ୍ଧୀୟ ଯୋଜନାଗୁଡ଼ିକୁ NCLT ଅନୁମୋଦନ ପ୍ରଦାନ କରିଥାଏ।

୧. ଅତ୍ୟାଚାର ଓ ଦୁର୍ବ୍ୟବସ୍ଥାପନ ସମ୍ବନ୍ଧୀୟ ମାମଲା

କମ୍ପାନୀର ସଦସ୍ୟ ବା ଅଂଶୀଦାରମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର (Oppression) କିମ୍ବା ଦୁର୍ବ୍ୟବସ୍ଥାପନ (Mismanagement) ସମ୍ବନ୍ଧୀୟ ଆବେଦନଗୁଡ଼ିକର ବିଚାର NCLT କରିଥାଏ। ଅଂଶୀଦାରମାନଙ୍କ ସ୍ୱାର୍ଥ ଏବଂ କମ୍ପାନୀର ସୁରକ୍ଷା ପାଇଁ ଏହା ଆବଶ୍ୟକୀୟ ଆଇନଗତ ପ୍ରତିକାର ପ୍ରଦାନ କରିପାରେ।

୨. କମ୍ପାନୀର ଅବସାନ ଓ ପରିସମାପ୍ତି

କମ୍ପାନୀର ଅବସାନ (Winding Up) ପାଇଁ ଦାଖଲ ହୋଇଥିବା ଆବେଦନ ଏବଂ ସେଥିସହ ସମ୍ପୃକ୍ତ ଲିକ୍ୱିଡେସନ୍ (Liquidation) ବା ସମ୍ପତ୍ତିର ଆଇନଗତ ନିଷ୍ପତ୍ତି ପ୍ରକ୍ରିୟାର ବିଚାର NCLT କରିଥାଏ।

୩. ଦେବାଳିଆ ଓ ଅସମର୍ଥତା ସମ୍ବନ୍ଧୀୟ ମାମଲା

ଦେବାଳିଆ ଓ ଅସମର୍ଥତା ସଂହିତା, ୨୦୧୬ (Insolvency and Bankruptcy Code, 2016 – IBC) ଅନୁଯାୟୀ NCLT ଏକ ନିର୍ଦ୍ଦିଷ୍ଟ ନ୍ୟାୟନିର୍ଣ୍ଣୟକାରୀ ପ୍ରାଧିକରଣ (Adjudicating Authority) ଭାବେ କାର୍ଯ୍ୟ କରିଥାଏ। ଏହା କର୍ପୋରେଟ୍ ଇନ୍‌ସଲଭେନ୍ସି ରିଜୋଲ୍ୟୁସନ୍ ପ୍ରକ୍ରିୟା (Corporate Insolvency Resolution Process, CIRP), ଲିକ୍ୱିଡେସନ୍ ଏବଂ ବ୍ୟକ୍ତିଗତ ଦେବାଳିଆ ସମ୍ବନ୍ଧୀୟ କେତେକ ନିର୍ଦ୍ଦିଷ୍ଟ ମାମଲାର ବିଚାର କରିଥାଏ। ଏଥିରେ ବ୍ୟକ୍ତିଗତ ଗ୍ୟାରେଣ୍ଟରମାନଙ୍କ (Personal Guarantors) ସମ୍ବନ୍ଧୀୟ ମାମଲା ମଧ୍ୟ ଅନ୍ତର୍ଭୁକ୍ତ।

୪. ସାମୂହିକ ମାମଲା (Class Action)

କମ୍ପାନୀ, ଏହାର ନିର୍ଦ୍ଦେଶକ, ଅଡିଟର୍ କିମ୍ବା ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ହୋଇଥିବା ଅନ୍ୟାୟ, ଅନିୟମିତତା ବା ଠକେଇମୂଳକ କାର୍ଯ୍ୟ ବିରୋଧରେ ସଦସ୍ୟ କିମ୍ବା ଜମାକାରୀମାନଙ୍କ ପକ୍ଷରୁ ଦାଖଲ ହେଉଥିବା ସାମୂହିକ ମାମଲାଗୁଡ଼ିକର ବିଚାର NCLT କରିଥାଏ।

୫. ଦେୱାନୀ ଅଦାଲତ ସଦୃଶ କ୍ଷମତା

NCLTର କେତେକ କ୍ଷେତ୍ରରେ ଦେୱାନୀ ଅଦାଲତ ସଦୃଶ କ୍ଷମତା ରହିଛି। ଏହାର ଅନ୍ତର୍ଭୁକ୍ତ ହେଉଛି।

- ବ୍ୟକ୍ତିମାନଙ୍କୁ ସମନ୍ ଜାରି କରି ହାଜର କରାଇବା।
- ସାକ୍ଷୀମାନଙ୍କୁ ଶପଥପୂର୍ବକ ପରୀକ୍ଷା କରିବା।
- ଆବଶ୍ୟକୀୟ ଦସ୍ତାବିଜ ଓ ନଥିପତ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେବା।
- ହଲଫନାମା ମାଧ୍ୟମରେ ପ୍ରମାଣ ଗ୍ରହଣ କରିବା।
- କମିଶନ ନିଯୁକ୍ତ କରିବା।
- ଏହାର ଆଦେଶକୁ ଦେୱାନୀ ଅଦାଲତର ଡିକ୍ରି ସଦୃଶ କାର୍ଯ୍ୟକାରୀ କରିବା।
- ଅଦାଲତ ଅବମାନନା (Contempt of Court) ସମ୍ବନ୍ଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା।

NCLTର କେତେକ ପ୍ରମୁଖ ଆଇନଗତ କ୍ଷମତା ବିଷୟରେ ନିହାତି ଜାଣିବା ଆବଶ୍ୟକ।

୧. ଧାରା ୨୪୧-୨୪୨: ଯେତେବେଳେ ବଡ଼ ଅଂଶୀଦାରମାନେ ଛୋଟ ଅଂଶୀଦାରମାନଙ୍କ ପ୍ରତି ଅତ୍ୟାଚାର କରନ୍ତି କିମ୍ବା କମ୍ପାନୀର ପରିଚାଳନାରେ ଦୁର୍ବ୍ୟବସ୍ଥାପନ ହୁଏ, ସେତେବେଳେ ଏହି ଧାରା ଅନୁଯାୟୀ ଆବେଦନ କରାଯାଇପାରେ।

୨. କ୍ଲାସ୍ ଆକ୍ସନ୍ ସୁଟ୍ (Class Action Suit): ଅନେକ ଅଂଶୀଦାର ଏକତ୍ରିତ ହୋଇ କମ୍ପାନୀ ବା ଏହାର ଅଧିକାରୀମାନଙ୍କ ବିରୋଧରେ ସାମୂହିକ ମାମଲା ଦାଖଲ କରିପାରିବେ।

୩. ମିଶ୍ରଣ ଓ ପୁନର୍ଗଠନ: Merger, Amalgamation ଏବଂ Demerger ଆଦିକୁ ଅନୁମୋଦନ ପ୍ରଦାନ କରିବା।

୪. କମ୍ପାନୀର ପରିସମାପ୍ତି: ଠକେଇ ବା ବେଆଇନ ଉଦ୍ଦେଶ୍ୟରେ ଗଠିତ କମ୍ପାନୀ ସମ୍ବନ୍ଧୀୟ ଆଇନଗତ ପଦକ୍ଷେପ ଗ୍ରହଣ କରିବା।

୫. ଶେୟାର ହସ୍ତାନ୍ତର: ଶେୟାର ହସ୍ତାନ୍ତର କରିବାକୁ କମ୍ପାନୀ ମନା କଲେ, ତାହା ବିରୋଧରେ ଆଇନ ଅନୁଯାୟୀ ଆବେଦନ ଓ ଅପିଲ୍‌ର ବିଚାର କରିବା।

୬. ଦେବାଳିଆ (Insolvency): IBC ଅନୁଯାୟୀ ଉଓଜଚ ଆରମ୍ଭ କରିବା ଏବଂ Resolution Planକୁ ଅନୁମୋଦନ ପ୍ରଦାନ କରିବା।

NCLTରେ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପିଟିସନ୍ ଦାଖଲ କରାଯାଇଥାଏ। ଅନ୍ୟ ଟ୍ରିବ୍ୟୁନାଲ୍‌ଗୁଡ଼ିକ ପରି ଏଠାରେ ମଧ୍ୟ ନୋଟିସ୍ ଜାରି କରାଯାଏ। ଉଭୟ ପକ୍ଷଙ୍କ ଯୁକ୍ତି ଓ ଶୁଣାଣି ପରେ ଟ୍ରିବ୍ୟୁନାଲ୍ ଆଦେଶ ପ୍ରଦାନ କରିଥାଏ। NCLT ନିଜର ଆଦେଶକୁ ଆଇନ ଅନୁଯାୟୀ ସମୀକ୍ଷା କରିପାରେ। ଆବଶ୍ୟକ ପଡ଼ିଲେ ଏହା ଆଦେଶ କାର୍ଯ୍ୟକାରୀ କରିବା ପାଇଁ ପୋଲିସର ସହାୟତା ମଧ୍ୟ ନେଇପାରେ। NCLTରେ ଫାଇଲିଂ ଫିସ୍ ଏକ ନିର୍ଦ୍ଧାରିତ ସମାନ ରାଶି ନୁହେଁ। ଏହା ଆବେଦନ ବା ପିଟିସନ୍‌ର ପ୍ରକୃତି ଏବଂ ଯେଉଁ ଆଇନଗତ ଧାରା ଅନୁଯାୟୀ ଆବେଦନ କରାଯାଉଛି, ତାହା ଉପରେ ନିର୍ଭର କରେ। NCLT ନିୟମ, ୨୦୧୬ ଅନୁଯାୟୀ, ଅଧିକାଂଶ କମ୍ପାନୀ ଆଇନ ସମ୍ବନ୍ଧୀୟ ଆବେଦନ ପାଇଁ ଫିସ୍ ୫୦୦ ଟଙ୍କାରୁ ୧୦,୦୦୦ ଟଙ୍କା ମଧ୍ୟରେ ରହିଥାଏ। ଯେଉଁଠାରେ ନିର୍ଦ୍ଦିଷ୍ଟ ଏଣ୍ଟ୍ରି ନାହିଁ, ସେଠାରେ ସାଧାରଣତଃ ୧,୦୦୦ ଟଙ୍କା ଫିସ୍ ଲାଗୁ ହୋଇଥାଏ। NCLTର ଆଦେଶରେ କ୍ଷୁବ୍ଧ ପକ୍ଷ ଜାତୀୟ କମ୍ପାନୀ ଆଇନ ଆପିଲେଟ୍ ଟ୍ରିବ୍ୟୁନାଲ (NCLAT)ରେ ସାଧାରଣତଃ ୪୫ ଦିନ ମଧ୍ୟରେ ଅପିଲ୍ କରିପାରିବେ। NCLATର ଆଦେଶ ବିରୋଧରେ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟରେ ଅପିଲ୍ କରାଯାଇପାରେ।

ଅନ୍ତରୀଣ ଆବେଦନ (Interlocutory Application – IA)

ଏକ ବିଚାରାଧୀନ ମାମଲାରେ ଦାଖଲ ହେଉଥିବା ପ୍ରତ୍ୟେକ ଅନ୍ତରୀଣ ଆବେଦନ (IA) ପାଇଁ ଅଲଗା ଫିସ୍ ଦେବାକୁ ପଡ଼ିଥାଏ। ଆବେଦନରେ ମଗାଯାଇଥିବା ପ୍ରତିକାର ଅନୁଯାୟୀ NCLTର ଫିସ୍ ସୂଚୀରୁ ପ୍ରଯୁଜ୍ୟ ରାଶି ନିର୍ଦ୍ଧାରଣ କରାଯାଏ। ଯଦି ମଗାଯାଇଥିବା ପ୍ରତିକାର ଫିସ୍ ସୂଚୀର କୌଣସି ନିର୍ଦ୍ଦିଷ୍ଟ ଏଣ୍ଟ୍ରି ସହିତ ମେଳ ନ ଖାଏ, ତେବେ ଅବଶିଷ୍ଟ ଫିସ୍ ଭାବରେ ସାଧାରଣତଃ ୧,୦୦୦ ଟଙ୍କା ଲାଗୁ ହୋଇଥାଏ।

IBC (Insolvency and Bankruptcy Code) ମାମଲାରେ ଫିସ୍

ଦେବାଳିଆ ଓ ଅସମର୍ଥତା ସଂହିତା, ୨୦୧୬ (IBC) ଅନୁଯାୟୀ ଆବେଦନ ପାଇଁ ଫିସ୍ ସମ୍ପୃକ୍ତ IBC ଧାରା ଏବଂ ନିର୍ଦ୍ଧାରିତ ଫର୍ମ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଫର୍ମ C ମାଧ୍ୟମରେ ବ୍ୟକ୍ତିଗତ ଗ୍ୟାରେଣ୍ଟରଙ୍କ ଦ୍ୱାରା ଏକ ଆବେଦନ ପାଇଁ NCLT କାର୍ଯ୍ୟବିଧିରେ ୨,୦୦୦ ଟଙ୍କା ଫିସ୍ ଥିବା ରେକର୍ଡ କରାଯାଇଛି। ଯେହେତୁ IBC ଫିସ୍ ଆବେଦନର ପ୍ରକାର ଅନୁଯାୟୀ ଭିନ୍ନ ହୋଇଥାଏ, ତେଣୁ ଫାଇଲ୍ କରିବା ପୂର୍ବରୁ ପ୍ରଯୁଜ୍ୟ IBC/NCLT ଫିସ୍ ସୂଚୀରେ ସଠିକ୍ ଏଣ୍ଟ୍ରି ଯାଞ୍ଚ କରିବା ଆବଶ୍ୟକ। ଫିସ୍ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ସମ୍ପୃକ୍ତ ବେଞ୍ଚ ପାଇଁ Pay and Accounts Officer, Ministry of Corporate Affairsଙ୍କ ନାମରେ ଦେୟ କରାଯାଇପାରେ। ଏହା ବ୍ୟତୀତ, ଇ-ଫାଇଲିଂ ପୋର୍ଟାଲ୍‌ରେ ଉପଲବ୍ଧ ଥିଲେ ଅନଲାଇନ୍ ପେମେଣ୍ଟ୍ ମାଧ୍ୟମରେ ମଧ୍ୟ ଫିସ୍ ଦିଆଯାଇପାରିବ। ରେଜିଷ୍ଟ୍ରାର୍ ଅଫ୍ କମ୍ପାନୀଜ୍, ଆଞ୍ଚଳିକ ନିର୍ଦ୍ଦେଶକ ବା କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଦ୍ୱାରା ଦାଖଲ କରାଯାଉଥିବା ପିଟିସନ୍, ଆବେଦନ ବା ରେଫରେନ୍ସ ଉପରେ କୌଣସି ଫିସ୍ ଦେବାକୁ ପଡ଼େ ନାହିଁ। କୋର୍ଟ ଫିସ୍, ପ୍ରକ୍ରିୟା ଫିସ୍, ସତ୍ୟାୟିତ ନକଲ ପାଇଁ ଶୁଳ୍କ ଏବଂ ଟ୍ରିବ୍ୟୁନାଲ୍ ଦ୍ୱାରା ଆଦେଶ ହୋଇଥିବା ଅନ୍ୟାନ୍ୟ ଖର୍ଚ୍ଚ ଫାଇଲିଂ ଫିସ୍ ବ୍ୟତୀତ ଅତିରିକ୍ତ ଭାବେ ଦେବାକୁ ପଡ଼ିପାରେ।

ସୀମା ଅବଧି (Limitation)

NCLTରେ ଆବେଦନ ବା ପିଟିସନ୍ ଦାଖଲ କରିବା ପାଇଁ ମୁଖ୍ୟ ସୀମା ଅବଧି ସାଧାରଣତଃ ମାମଲାର କାରଣ ଉତ୍ପନ୍ନ ହେବା ବା ଆବେଦନ କରିବାର ଅଧିକାର ସୃଷ୍ଟି ହେବାଠାରୁ ତିନି ବର୍ଷ। ଏହା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୩୩ ସହିତ ପଠିତ ସୀମା ଅଧିନିୟମ, ୧୯୬୩ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତଥାପି, କେତେକ ମାମଲା ପାଇଁ ସ୍ୱତନ୍ତ୍ର ସୀମା ଅବଧି ରହିଛି। NCLT, ସୀମା ଅଧିନିୟମ, ୧୯୬୩ର ଧାରା ୫, କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୩୩ ସହିତ ପଠିତ ହେବା ସହିତ ଦେବାଳିଆ ମାମଲା ପାଇଁ IBCର ଧାରା ୨୩୮A ଅନୁଯାୟୀ ସୀମା ଅବଧି ସମ୍ବନ୍ଧୀୟ ବ୍ୟବସ୍ଥା ପ୍ରୟୋଗ କରିଥାଏ। ଯଦି ଆବେଦନକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ ଦାଖଲ ନକରିବାର ଯଥେଷ୍ଟ କାରଣ ଦର୍ଶାଇପାରନ୍ତି, ତେବେ ଆଇନ ଅନୁଯାୟୀ ବିଳମ୍ବ କ୍ଷମା ସମ୍ବନ୍ଧୀୟ ପ୍ରଶ୍ନ ବିଚାର କରାଯାଇପାରେ। ଏହି କ୍ଷମତା ବିବେକାଧୀନ; ଏହା ସ୍ୱୟଂଚାଳିତ ନୁହେଁ। ଯଦି ମାମଲାଟି କ୍ରମାଗତ ଭାବେ ଘଟୁଥିବା ଅନ୍ୟାୟ ବା ଅନିୟମିତତା (Continuing Wrong) ସମ୍ବନ୍ଧୀୟ, ଯଥା, କମ୍ପାନୀରେ ନିରନ୍ତର ଅତ୍ୟାଚାର ବା ଦୁର୍ବ୍ୟବସ୍ଥାପନ, ତେବେ ସେ କ୍ଷେତ୍ରରେ ସମୟସୀମା ନିର୍ଦ୍ଧାରଣର ଆଇନଗତ ନୀତି ଭିନ୍ନ ହୋଇପାରେ। ଏଣୁ, ପ୍ରତ୍ୟେକ ମାମଲାର ତଥ୍ୟ, ଘଟଣାକ୍ରମ ଏବଂ ତାରିଖଗୁଡ଼ିକୁ ଭଲଭାବେ ବିଶ୍ଳେଷଣ କରିବା ପରେ ହିଁ ଆବେଦନ ଦାଖଲ କରିବା ଉଚିତ। ସଂକ୍ଷେପରେ କହିବାକୁ ଗଲେ, NCLT କମ୍ପାନୀ ଆଇନ ସମ୍ବନ୍ଧୀୟ ବିବାଦ ଏବଂ କର୍ପୋରେଟ୍ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଦେବାଳିଆ କାର୍ଯ୍ୟବିଧି ପାଇଁ ଏକ ପ୍ରମୁଖ ନ୍ୟାୟିକ ମଞ୍ଚ ଭାବେ କାର୍ଯ୍ୟ କରିଥାଏ। ଏହା ବିଚାର, ଆଇନଗତ ପ୍ରତିକାର ଏବଂ ଆଦେଶ କାର୍ଯ୍ୟକାରୀ କରିବା ସମ୍ବନ୍ଧୀୟ କ୍ଷମତାକୁ ଏକତ୍ରିତ କରି କର୍ପୋରେଟ୍ କ୍ଷେତ୍ରରେ ନ୍ୟାୟ ପ୍ରଦାନ ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ସହାୟତା କରିଥାଏ।

ଆଇନଜୀବୀ, ଓଡିଶା ହାଇ କୋର୍ଟ,
କଟକ -୨
ମୋବାଇଲ : ୯୪୩୭୨୯୫୬୬୬

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

Editor: Gyana Ranjan Mishra ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର